ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.176 Bhubaneswar Tuesday Augeust 30 2022 | ୨୫ତମ ବର୍ଷ ସଂଖ୍ୟା-୧୭୬ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଭାରତ ସ୍କାଉଟ୍‌ସ ଓ ଗାଇଡ଼ର ୯୨ତମ ଓଡ଼ିଶା ରାଜ୍ୟ ପରିଷଦ ବୈଠକକୁ ସଭାପତି ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ବୋଧନ ଦେଉଛନ୍ତି

## ଦେବାଶିଷ ମହାନ୍ତିଙ୍କୁ ଜୀବନ ବ୍ୟାପୀ ସାଧନ କ୍ରୀଡା ପୁରସ୍କାର

ଭୁବନେଶ୍ୱର, ୨୯।୮(ପି.ଏନ): ଜାତୀୟ କ୍ରୀଡା ଦିବସ ଅବସରରେ ଆଜି ଲୋକ ସେବା ଭବନର କନଭେନସନ୍ ହଲରେ ୨୦୨୧ବର୍ଷ ପାଇଁ ବିଜୁ ପଟ୍ଟନାୟକ ରାଜ୍ୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଉଛି। ଚ଼ଳିତ ବର୍ଷ ଓଡ଼ିଆ କିମ୍ବଦନ୍ତୀ କ୍ରିକେଟର ତଥା ଈଉଉଓ ଚ଼ୟନ କର୍ତ୍ତା ଦେବାଶିଷ ମହାନ୍ତିଙ୍କୁ ଜୀବନ ବ୍ୟାପୀ ସାଧନ କ୍ରୀଡା ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଥିଲେ।ସେହିପରି ଆନ୍ତର୍ଜାତିକ ସୁଟର ଶ୍ରିୟଙ୍କା ଷଡଙ୍ଗୀ ଓ ଆନ୍ତର୍ଜାତିକ ୱେଟ ଲିଫ୍ଟର ଝିଲି ଦଳବେହେରାଙ୍କୁ ଚ଼ଳିତ ବର୍ଷ ଶ୍ରେଷ୍ଠ କ୍ରୀଡାବିତ ପୁରସ୍କାର ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ପାରା ଆଥଲେଟ ଜୟନ୍ତୀ ବେହେରାଙ୍କ କୋଚ୍ ବିଷ୍ଣୁ ମିଶ୍ର ପାଇଛନ୍ତି ଶ୍ରେଷ୍ଠ କୋଚ୍ ପୁରସ୍କାର। କ୍ରୀଡା ସାମ୍ବାଦିକ ଭାବେ ବେଣୁଧର ଦାସଙ୍କୁ ସମ୍ମାନିତ କରାଯାଇଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ଶ୍ରେଷ୍ଠ କ୍ରୀଡା ପ୍ରୋତ୍ସାହନ ଅନୁଷ୍ଠାନ ଭାବେ ସମ୍ମାନ ପ୍ରଦାନ କରାଯାଉଛି। ଏହା ସହିତ ରାଜ୍ୟ ସାହସିକତା ପୁରସ୍କାର ମଧ ପ୍ରଦାନ କରାଯାଇଛି। ପ୍ରତାପ ତରାଇ ଏବଂ ଶୁଭଶ୍ରୀ ରାଉତଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଖେଳାଳିଙ୍କୁ ଆର୍ଥିକ ପ୍ରୋତ୍ସାହନ ମଧ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡିଶାର ବହୁ ଜଣାଶୁଣା କ୍ରୀଡାବିତ୍ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚ଼ିବ ସୁରେଶ ମହାପାତ୍ର, କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସଚ଼ିବ ପ୍ରଦୀପ କୁମାର ଜେନା, ୫ଟି ସଚ଼ିବ ବିକେ ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।




## ୩୧ରେ ୧୬ ଦେଶର ରାଷ୍ଟ୍ରଦୂତଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୮(ପି.ଏନ): ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ୩ୟ ମେକ୍ ଇନ ଓଡ଼ିଶା ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀକୁ ବିଭିନ୍ନ ଦେଶର ନିବେଶକମାନଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଆସନ୍ତା ୩୧ ତାରିଖରେ ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ସମାବେଶର ଆୟୋଜନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬ଟି ଦେଶର ରାଷ୍ଟ୍ରଦୂତମାନଙ୍କୁ ଭେଟି ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରଣ ଜଣାଇବେ। ଏହି ଦେଶ ଗୁଡିକ ହେଲେ ଆମେରିକା, ବ୍ରିଟେନ, ଜାପାନ, ଲକ୍ସମ୍ବର୍ଗ, ଜର୍ମାନୀ, ଫ୍ରାନ୍ସ, ଇଟାଲି,ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ବାହାରିନ, ସିଂଗାପୁର, ବେଲଜିୟମ, ଓମାନ, କାତାର ଓ ୟୁଏଇ । ଏହା ସହିତ ସେ ଶିଳ୍ପପତିମାନଙ୍କୁ ମଧ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ନବୀନ ମେକ-ଇନ-ଓଡ଼ିଶା ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିବେ ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି।ଶିଳ୍ପ ମନ୍ତ୍ରୀ କହିଛନ୍ତି ଯେ ଏହି ନିବେଶ ସମାବେଶର ବିଜିନେସ ପାର୍ଟନର ହୋଇଛି ଫିକି। ଦୁବାଇରୁ ୨୧ହଜାର ୩ଶହ କୋଟି ଟଙ୍କାର ପୁଞ୍ଜି ଆସିଛି। ଅନେକ ଶିଳ୍ପପତି ୨୦୧୬ରୁ ମେକ ଇନ ଓଡିଶା କାର୍ଯ୍ୟକ୍ରମ ସହ ଯୋଡି ହୋଇଛନ୍ତି।

## ନୂଆଖାଇ ଦିନ ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର, ୨୯।୮(ପି.ଏନ): ଆସନ୍ତା ସେପ୍ଟେମ୍ବର ୧ ନୂଆଖାଇ ଅବସରରେ ବ୍ୟାଙ୍କ ବନ୍ଦ ରଖାଯିବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଉକ୍ତ ଦିନ ରାଜ୍ୟର ସମସ୍ତ ବ୍ୟାଙ୍କ ଓ ଅନ୍ୟ ବିତୀୟ ସଂସ୍ଥା ବନ୍ଦ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏସମ୍ପର୍କରେ ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆଖାଇରେ ବ୍ୟାଙ୍କ ବନ୍ଦ ରଖିବାକୁ ଦାବି ହୋଇଆସୁଥିଲା।

## ମଧ୍ୟାହ୍ନ ଭୋଜନ ଅନୁଦାନ ରାଶି ବାଟମାରଣା ଅଭିଯୋଗ

ମାଲକାନଗିରି, ୨୯।୮(ପି.ଏନ): ମାଲକାନଗିରି ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ହଜାର ହଜାର ଟଙ୍କା ଅନୁଦାନ ରାଶି କେତେକ ବିଦ୍ୟାଳୟରେ ବାଟମାରଣା ହେବା ସହ ଛାତ୍ର ଛାତ୍ରୀ ବଦଳରେ ବିଭିନ୍ନ ସ୍ତରରେ ଭାଗ ବଂଟା ହୋଇଥିବାର ଅଭିଯୋଗ ହୋଇଛି।ମିଳିଥିବା ସୂଚନା ମୁତାବକ, କରୋନା ସମୟରେ ୫୩୮ ଦିନ ବିଦ୍ୟାଳୟ ବନ୍ଦ ରହିଥିଲା। ଏହି ସମୟରେ ଜିଲ୍ଲାରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ପିଲା ପିଛା ୫ ଟଙ୍କା ୪୨ ପଇସା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲା ପିଛା ମଧ୍ୟାହ୍ନ ଭୋଜନ ବାବଦକୁ ୮ ଟଙ୍କା ୧୦ ପଇସା ହିସାବରେ ପ୍ରାୟ ୧ ଲକ୍ଷ ପିଲାଙ୍କ ପାଇଁ ଅନୁଦାନ ଆସିଥିଲା। ପ୍ରଥମେ ଭୋଜନ ବାବଦକୁ ବିଭିନ୍ନ ପର୍ଯ୍ୟାୟରେ ଚାଉଳ ପଚାଂୟତ ଓ ପରେ ବିଦ୍ୟାଳୟକୁ ଦିଆଯାଇଥିଲା। ହେଲେ ରୋଷେଇ ବାବଦକୁ ଅର୍ଥ ବିଦ୍ୟାଳୟ ପରିଚାଳନା କମିଟି ବ୍ୟାଙ୍କ ଖାତାରେ ଜମା ହୋଇଅଛି। ନିକଟ ଅତିତରେ ୭୦ ଓ ୧୩୦ ଦିନ ମିଶି ୨୦୦ ଦିନର ଜମା ହୋଇଥିଲା ବେଳେ ପ୍ରାଥମିକ ପିଲାଙ୍କୁ ୧୦୬୭ ଟଙ୍କା ଓ ଉଚ ପ୍ରାଥମିକ ପିଲାଙ୍କ ପାଇଁ ୧୬୨୦ ଟଙ୍କା ଲେଖାଏଁ ଦେବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିଲା। ହେଲେ ବିଦ୍ୟାଳୟ ଖୋଲିବା ପରଠାରୁ ରୋଷେଇ ଅନୁଦାନ ରାଶି ମିଳିନଥିବାରୁ ଉକ୍ତ ଅର୍ଥରୁ ସାମୟିକ ଭାବେ ଭରଣା କରିବାକୁ ବିଭାଗୀୟ ଅଧିକାରୀ କୁଆଡେ ମୌଖିକ ନିର୍ଦ୍ଦେଶ ଦେଇଥିବାର କୁହାଯାଉଛି। ଏହାର ଫାଇଦା ନେଇଯିଏ ଯା ତାଙ୍କ ମନ ମୁତାବକ ଅର୍ଥ ବାଂଟି ଥିବାର ଅଭିଯୋଗ ହେଉଅଛି। ବହୁ ପ୍ରଧାନଶିକ୍ଷକ ଅର୍ଥ ବାଂଟିବା ସମୟରେ ସହକାରୀ ଶିକ୍ଷକଙ୍କୁ କେଉଁଠି ବାଦ୍ ଦେଇଛନ୍ତି ତ କେଉଁଠି ସାମିଲ କରାଇ ନଥିବାର କିଛି ଶିକ୍ଷକ ନାମ ପ୍ରକାଶ ନ କରିବା ସର୍ତରେ କହିଛନ୍ତି। ଏପରି ଘଟଣା ଚଂଚକତା ହୋଇଥିବାର ସନ୍ଦେହକୁ ଘନୀଭୁତ କରୁଛି। ଇତି ମଧ୍ୟରେ ପୁନଃ ମଧ୍ୟାହ୍ନ ଭୋଜନ ରନ୍ଧା ଖର୍ଚ୍ଚ ଜମା କରାଯାଇଛି। ହେଲେ ଯେଉଁମାନେ ଦିନ କାଟି ବାଂଟିଥିଲେ ସେମାନେ ଆଉ ନବାଂଟି ପରିଚାଳନା କମିଟି ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇ ନିଜ ଜମା ଖାତାକୁ ନେଇଯାଇ ଥିବାର ଗୁରୁତର ଅଭିଯୋଗ ହେଉଅଛି। ଯେଉଁ ବିଦ୍ୟାଳୟରେ ୧୦୦ରୁ ଉର୍ଦ୍ଧ୍ୱ ପିଲା ସେ ବିଦ୍ୟାଳୟକୁ ଦେଢ ଲକ୍ଷରୁ ଅଧିକ ଅର୍ଥ ଆସିଅଛି। ଜିଲ୍ଲାରେ ୭ଟି ବ୍ଲକ ରହିଥିଲା ବେଳେ ମାଥିଲି ଅଂଚଳରେ ଏପରି ଘଟଣା ଘଟିଥିବାର ଅଭିଯୋଗ ହେଉଥିବାରୁ ଦୁର୍ଗମ ଖଇରପୁଟ, ଚିତ୍ରକୋଣ୍ଡା ଅଂଚଳରେ କିପରି ହୋଇଥିବ ତାହା ସ୍ୱଷ୍ଟ ଅନୁମେୟ। ବିଭାଗୀୟ ଅଧିକାରୀଙ୍କ ମଧ ଏ ସମ୍ପର୍କରେ ପାଟି ଚୁପ୍ ? ଜିଲ୍ଲା ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଘନ ଘନ ବିଭିନ୍ନ ଅଂଚଳ ପରଦର୍ଶନରେ ଯାଉଛନ୍ତି। ହେଲେ ଘଟଣା ସମ୍ପର୍କରେ କିପରି ଜାଣିପାରୁ ନାହାଁନ୍ତି ? ଏ ବାବଦରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ମଧ୍ୟାହ୍ନ ଭୋଜନ ପୋଗ୍ରାମର ଅରୁଣ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ପିଲାଙ୍କୁ ଟଙ୍କା ବଂଟା ଯାଇନଥିବା ନେଇ କୌଣସି ଅଭିଯୋଗ ଆସିନାହିଁ, ଯଦି କେଉଁଠାରେ ଏପରି ହୋଇଛି ତାହାହେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଜିଓର ଦୀପାବଳି ଭେଟି, ୪ ମେଟ୍ରୋ ସିଟିରେ ୫-ଜି ସେବା

ମୁମ୍ବାଇ, ୨୯।୮(ପି.ଏନ): ରିଲାଏନ୍ସ ଜିଓ ଗ୍ରାହକଙ୍କୁ ଦେବାକୁ ଯାଉଛି ଦୀପାବଳି ଭେଟି। ଦୀପାବଳିରେ ଆରମ୍ଭ ହେବ ୫-ଜି ସେବା। ପ୍ରଥମ ପର୍ଯ୍ୟାୟରେ ୪ଟି ମେଟ୍ରୋ ସିଟିରେ ଏହି ସେବା ଆରମ୍ଭ ହେବ। ଡିସେମ୍ବର ୨୦୨୩ ସୁଦ୍ଧା ଏହା ପୂରା ଭାରତରେ ଉପଲବ୍ଧ ହେବ ବୋଲି ଆଜି ଶିଳ୍ପପତି ମୁକେଶ ଅମ୍ବାନୀ ସ୍ୱପ୍ନ ଦେଖାଇଛନ୍ତି।ଦେଶର ସର୍ବବୃହତ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ର ବାର୍ଷିକ ସାଧାରଣ ବୈଠକରେ ୫-ଜି ସେବା ନେଇ ଘୋଷଣା କରିଛନ୍ତି ମୁକେଶ ଅମ୍ବାନୀ। ଆସନ୍ତା ଦୀପାବଳି ଦିନ ଜିଓ ଏହି ସେବା ଆରମ୍ଭ କରିବ ଓ ଏହାର ନାଁ ରହିବ ‘ଜିଓ ଏୟାର ଫାଇବର୍’। ପ୍ରଥମେ ମେଟ୍ରୋ ସିଟି ଚେନ୍ନାଇ, ମୁମ୍ବାଇ, ଦିଲ୍ଲୀ ଓ କୋଲକାତାରୁ ଏହି ସେବା ଆରମ୍ଭ କରାଯିବ।ଏହାଦ୍ୱାରା ଜିଓ ଗ୍ରାହକଙ୍କୁ ହାଇ ସ୍ପିଡ୍ ଇଣ୍ଟରନେଟ୍ ସେବା ମିଳିବ। କମ୍ ଦରରେ କମ୍ପାନୀ ଏହି ସେବା ଗ୍ରାହକଙ୍କୁ ଯୋଗାଇବ। ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଘରକୁ ଏହି ସେବା ଯୋଗାଯିବ ବୋଲି ମୁକେଶ ଅମ୍ବାନୀ କହିଛନ୍ତି। ୨୦୨୩ ସୁଦ୍ଧା କମ୍ପାନୀ ପ୍ରତି ସହରକୁ ଏହି ସେବା




ଯୋଗାଇବ। ୱ୍ୟାର ଓ ୱ୍ୟାରଲେସ୍ ସର୍ଭିସ୍ ଜରିଆରେ କମ୍ପାନୀ ସାରା ଦେଶରେ ୫-ଜି ସେବା ଯୋଗାଇବ।ଏହା ବିଶ୍ୱର ସବୁଠୁ ଆଡଭାନ୍ସ ୫-ଜି ଟେକ୍ନୋଲଜି ହେବ। ଏହା ୪ଜଇ ଟେକ୍ନୋଲଜି ଉପରେ ଆଧାରିତ। କମ୍ପାନୀ ଲାଟେଷ୍ଟ ୫-ଜି ସର୍ଭିସ ଆଣିବ ଯାହା ଷ୍ଟାଣ୍ଡଅଲୋନ ହେବ। ଏହି ୫-ଜି ନେଟୱାର୍କ ପାଇଁ କମ୍ପାନୀ ୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବ।୫-ଜି ସେବା ଦ୍ୱାରା ଗେମିଂ ଠାରୁ ଆରମ୍ଭ କରି ଭିଡିଓ ଷ୍ଟ୍ରିମିଂ ଯାଏଁ ସବୁ କିଛିର ଶୈଳୀ ବଦଳିଯିବ। ଡସଗବଙ୍ଗ ଭଳି ହିଁ ଔସକ୍ଟଇସକ୍ୱରସଭରକ୍ସ କାମ କରିବ। ଏହା ଜରିଆରେ ଗ୍ରାହକ ୫-ଜି ବ୍ରଡବାଣ୍ଡ ସର୍ଭିସ ମଧ ବ୍ୟବହାର କରିପାରିବେ। ଔସକ୍ଟଇସକ୍ୱରସଭରକ୍ସ ଜରିଆରେ ଆପଣ ଏକାସାଙ୍ଗାରେ ମଲ୍ଟିପୁଲ କ୍ୟାମେରା ଏଙ୍ଗେଲରେ ଲାଇଭ୍ ? ମ୍ୟାଚ୍ ? ଦେଖିପାରିବେ। ଗ୍ରାହକ ଚ଼ାହିଁଲେ ନିଜ କ୍ୟାମେରା ଏଙ୍ଗେଲ ଚ଼ୟନ କରିପାରିବେ ବୋଲି ମୁକେଶ ଅମ୍ବାନୀ କହିଛନ୍ତି।

## ଗଣେଶ ମୂର୍ତି ବିବାଦ ପ୍ରସଙ୍ଗରେ ହସ୍ତକ୍ଷେପ କଲେନି ହାଇକୋର୍ଟ
### ବିକୃତ ମୂର୍ତ୍ତି ନିର୍ମାଣ କଲେ କାର୍ଯ୍ୟାନୁଷ୍ଠାନ : ଡିସିପି

ଭୁବନେଶ୍ୱର, ୨୯।୮(ପି.ଏନ): ବିକୃତ ଗଣେଶ ମୂର୍ତି ବିବାଦରେ ହସ୍ତକ୍ଷେପ କରିବାକୁ ଓଡ଼ଶା ଉଚ୍ଚ ନ୍ୟାୟାଳୟ ମନା କରିଦେଇଛନ୍ତି। ଓଡ଼ଶା ହାଇକୋର୍ଟ ପୋଲିସ୍ ପ୍ରଶାସନ ଉପରେ ନିଷ୍ପତି ଛାଡ଼ିଛନ୍ତି।ହାଇକୋର୍ଟ କହିଛନ୍ତି, ଚିରାଚରିତ ମୂର୍ତିକୁ ବାଦ ଦେଇ ବିକୃତ ମୂର୍ତି ନିର୍ମାଣ ହୋଇପାରିବ ନାହିଁ। ” ହିନ୍ଦୁ ଆଇନ ଅନୁଯାୟୀ ଏଭଳି ମୂର୍ତି ନିର୍ମାଣ ଓ ପୂଜା ଆଇନ ସମ୍ମତ ନୁହେଁ। ଏଭଳି ମୂର୍ତି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି।”ପୋଲିସକୁ ଏଭଳି ମୂର୍ତି ନିର୍ମାଣ ଓ ପୂଜାମଣ୍ଡପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୁରୀଘାଟ ଥାନା ଅଧିକାରୀ ମୂର୍ତି କାରୀଗରଙ୍କୁ ନେଇ ଆଲୋଚନା କରିବେ। ପରବର୍ତୀ ସମୟରେ ଯେପରି ଏଭଳି କୌଣସି ବିକୃତ ମୂର୍ତି ନିର୍ମାଣ ନକରିବେ, ସେନେଇ ସେମାନଙ୍କୁ ଉପଦେଶ ଦେବେ।ଅପରପକ୍ଷରେ ଏହି ପ୍ରସଙ୍ଗରେ ଉଭୟ ମୂର୍ତି କାରିଗର ଓ କ୍ଲବଗୁଡ଼ିକୁ ତାଗିଦ କରିଛନ୍ତି କଟକ ଡିସିପି ପିନାକ ମିଶ୍ର। ମଣ୍ଡପରେ ଏଭଳି ମୂର୍ତି ପ୍ରତିଷ୍ଠା ନକରିବାକୁ ଅପିଲ କରିଛନ୍ତି ଡିସିପି। ସେ କହିଛନ୍ତି ପୋଲିସ ସବୁବେଳେ ଏଭଳି ମୂର୍ତି ନିର୍ମାଣ ନକରିବାକୁ ଅନୁରୋଧ କରିଆସିଛି। ଏଥିରେ ବ୍ୟତିକ୍ରମ ଦେଖିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଧାର୍ମିକ ଭାବନାରେ ଆଘାତ ପହଂଚାଇବା ଭଳି ପଦକ୍ଷେପକୁ ଗ୍ରହଣ କରାଯିବନି ବୋଲି ଡିସିପି କହିଛନ୍ତି। ସୂଚନାଯୋଗ୍ୟ ଯେ ବିକୃତ ମୂର୍ତି ନିର୍ମାଣ କରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ତାଗିଦ କରିବା ପରେ ଏହାକୁ ଚାଲେଞ୍ଜ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ମୂର୍ତି କାରିଗର ନାରାୟଣ ମୁଦୁଲି।

## ଡିଏଭି ପୋଖରୀପୁଟରେ ଜାତୀୟ କ୍ରୀଡ଼ାଦିବସ ପାଳିତ

ଭୁବନେଶ୍ୱର, ୨୯।୮(ପି.ଏନ):ଡିଏଭି ପୋଖରୀପୁଟରେ ଜାତୀୟ କ୍ରୀଡ଼ାଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ ୬.୩୦ ମିନିଟ୍ ସମୟରେ ୩୦୦ ଜଣ ଛାତ୍ରଛାତ୍ରୀ ମିନି ମାରାଥନ୍‌ରେ ଅଂଶଗ୍ରହଣ କରିଥିଲେ । ଏଥିରେ ଉଭୟ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତ୍‌ଙ୍କୁ ମାନପତ୍ର ମେଡାଲ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ପ୍ରଦାନ କରିଥିଲେ । କ୍ରୀଡ଼ା ହିଁ ଶିକ୍ଷାର ଏକ ଅଂଶବିଶେଷ ଯଦ୍ୱାରା ମାନସିକ ଶାରୀରିକ ସୁସ୍ଥତା ସମ୍ଭବପର ବୋଲି ସେ ବିଦ୍ୟାର୍ଥୀମାନଙ୍କୁ କହିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ମହିଳା ଚେସ୍ ଗ୍ରାଣ୍ଡମାଷ୍ଟର ପଦ୍ମିନୀ ରାଉତ ଯୋଗଦାନ କରି ଦୃଢ଼ ଆତ୍ମବଳ, ଏକାଗ୍ରତା ତଥା ନିୟମିତ ଯୋଗ ଓ ପ୍ରାଣାୟାମ ଅଭ୍ୟାସ ମାଧ୍ୟମରେ ଅସାଧ୍ୟ ସାଧନ ସମ୍ଭବ ବୋଲି ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ସହ ଯଥା ସମୟରେ ଏକାଗ୍ରତା ପୂର୍ବକ ନିର୍ଦ୍ଧାରିତ କାର୍ଯ୍ୟ ସାଧନ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷା ଡକ୍ଟର ସୁଜାତା ନିଜର ଅଭିଭାଷଣରେ ବିଦ୍ୟାଭ୍ୟାସ ସହ କ୍ରୀଡ଼ାଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷା କରାଯାଇ ପାରିବ ବୋଲି କହିଥିଲେ । ପରିଶେଷରେ ମୁଖ୍ୟ କ୍ରୀଡ଼ା ଶିକ୍ଷକ ନବକିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କ୍ରୀଡ଼ା ବିଭାଗର ଶିକ୍ଷକ ଦୀପକ ରଜ ବେହେରା , ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପଣ୍ଡା ସକ୍ରିୟ ଅଂଶଗ୍ରହଣ କରିଥିଲେ ।



## ଅବିଶ୍ୱାସୀ ବିଏମ୍‌ସି, ପଚ଼ି ଗନ୍ଧଇଲାଣି ରାଜଧାନୀ ଅଳିଆ

ଭୁବନେଶ୍ୱର, ୨୯।୮(ପି.ଏନ):ନଖରାରୁ ନନ୍ଦନକାନନ, ଶିଶୁପାଳଗଡ଼ରୁ ଆଇଗିଣିଆ ଯେଉଁ ଆଡେ ଆଖି ପଡୁଛି ସେଠି କୁଢ଼ କୁଢ଼ ଅଳିଆ। ୟୁନିଟ ୩ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ, ନିକଟସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ, ସେପଟେ ୟୁନିଟ-୯ ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟ; ସବୁଠି କୁଢ କୁଢ ଅଳିଆ। ଅସ୍ୱାସ୍ଥ୍ୟକର ପରିବେଶ ଦେଇ ଯିବା ଆସିବା କରୁଛନ୍ତି ସ୍କୁଲ ପିଲା। ଖୋଦ୍ ବରିଷ୍ଠ ବିଜେଡି ବିଧାୟକ ଅମର ଶତପଥୀଙ୍କ ଘର ସାମ୍ନାରେ ବି ସ୍ଥିତି ସମାନ। ଦୀର୍ଘ ଦିନ ଧରି ଏମିତି ସ୍ଥିତିକୁ ସାମ୍ନା କରି ତେଜିଲାଣି ଜନଅସନ୍ତୋଷ। ଅଳିଆ ପଡି ଗନ୍ଧମୟ ପରିବେଶ ଯୋଗୁ ଲୋକଙ୍କୁ ଘାରୁଛି ଡେଙ୍ଗୁ ଭୟ।ଏପଟେ ସୈନିକ ସ୍କୁଲ ସ୍ଥିତ ଡମ୍ପୟାର୍ଡରେ ଲାଗିଛି ଅବର୍ଜନା ବୋଝେଇ ଟ୍ରକ୍, ଡମ୍ପର ଓ ଚ଼ାରିଚ଼କିଆ ଡାଲା ଗାଡିର ଲମ୍ବା ଲାଇନ। ଏଠି ଗୋଟିଏ ଗାଡିକୁ ଅଳିଆ ପକାଇବା ପାଇଁ ୪ରୁ ୫ ଘଣ୍ଟା ଅପେକ୍ଷା କରିବାକୁ ପଡିଛି। ଆଗରୁ ଏହି ସମୟ ଭିତରେ ଗୋଟିଏ ଗାଡି ୫ରୁ ୬ ଟ୍ରିପ ଅଳିଆ ଆଣି ପକାଇ ପାରୁଥିବା ବେଳେ ଏବେ ମାତ୍ର ଗୋଟିଏ କି ଦୁଇ ଟ୍ରିପ ଅଳିଆ ପରିବହନ କରିପାରୁଛନ୍ତି।



ଏବେ କେବଳ ଏହି ଡମ୍ପିଂୟାର୍ଡରେ ଅଳିଆ ପଡୁଥିବାରୁ, ପାହାଡ଼ ଭଳି ଗଦା ହେଲାଣି ଆବର୍ଜନା। ଘଣ୍ଟାଘଣ୍ଟା ଭୋକ ଶୋଷରେ ଅପେକ୍ଷା କରି ଅସନ୍ତୋଷ ପ୍ରକାଶ କରୁଛନ୍ତି।ଦାରୁଠେଙ୍ଗ ଭୁଆସୁଣି ଡମ୍ପିୟାଡ୍‌କୁ ଗାଡି ଛଡା ନ ଯିବାର ଏହାର ମୂଳ କାରଣ ହୋଇଛି। କାରଣ ଭୁଆସୁଣି ଡମ୍ପୟାଡ୍‌ରୁ ଅଳିଆ ହ୍ରାସ କରିବାକୁ ପ୍ରତିଶ୍ରୁତିକୁ ବିଏମ୍‌ସି ପାଳନ କରୁନି। ତେଣୁ ବିଏମ୍‌ସିର କୌଣସି ବି ପ୍ରତିଶ୍ରୁତି ବିଶ୍ୱାସ କରୁନାହାନ୍ତି ବିରୋଧ ପ୍ରଦର୍ଶନ କରୁଥିବା ଦାରୁଠେଙ୍ଗବାସୀ। ତେଣୁ ଭୁଆସୁଣି ଡମ୍ପୟାଡ୍‌କୁ ଯାଇପାରୁନି ସ୍ମାର୍ଟ ସିଟି ଭୁବନେଶ୍ୱରର ଅଳିଆ ଗାଡି। ଯାହାକୁ ନେଇ ରାଜଧାନୀର ବିଭିନ୍ନ ପ୍ରମୁଖ ସ୍ଥାନରେ ପଡିପଡି ପୋଚ଼ି ଗନ୍ଧାଇଲେଣି ଅଳିଆ। ଏଥିରୁ ମଶା, ମାଛି ସୃଷ୍ଟି ହୋଇ ଲୋକଙ୍କୁ କଲବଲ କରିଲାଣି। ଯାହାକୁ ନେଇ ରାଜଧାନୀବାସୀ ବି ଅସନ୍ତୁଷ୍ଟ।ତେଣୁ ଆଶା ଆଶାରେ ରହିଯିବା ଆଶଙ୍କା ଦେଖାଦେଲାନି। ଭୁଆସୁଣି ଡମ୍ପୟାଡ୍‌କୁ ଦାରୁଠେଙ୍ଗବାସୀ ଆଜି ଗାଡି ଛାଡିବେ ବୋଲି ଅଶା ବାନ୍ଧି ବସିଥିବା ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଆଶା ସଫଳ ହୋଇନି।ଫଳରେ ୧୦ ଦିନ ତଳେ ସମସ୍ୟା ଯେଉଁଠି ଥିଲା ସେଠାରେ ହିଁ ଅଟକି ରହିଛି। ଏପଟେ ଦୀର୍ଘ ଦିନ ହେଲା ଅଳିଆ ପଡି ରହିଥିବାରୁ ସ୍ମାର୍ଟ ସିଟିର ସ୍ଥିତି ସଙ୍ଗୀନ୍ ହେଲାଣି। ଯାହାକୁ ଦେଖି ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦାରୁଠେଙ୍ଗବାସୀଙ୍କ କୋର୍ଟକୁ ବଲ୍ ଫିଙ୍ଗି ଏକ ପ୍ରକାର ଚୁପ୍ ରହିଛି ବିଏମ୍‌ସି। ଏହା ଭିତରେ ସମସ୍ତଙ୍କ ନଜର ଆଜି ସନ୍ଧ୍ୟା ପରେ ବସିବାକୁ ଥିବା ପଲ୍ଲୀସଭା ଉପରେ ରହିଛି।ଏପଟେ ଦାରୁଠେଙ୍ଗବାସୀଙ୍କ କୋର୍ଟକୁ ବଲ୍ ଫିଙ୍ଗି ବସି ରହିଥିବା ବିଏମ୍‌ସି ଦୁଇ ଦିନ ସମୟ ମାଗିଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇପାରିନି ।ବସିଥିବା ପଲ୍ଲୀସଭାରେ ବିଏମ୍‌ସିର ନିଷ୍ପତ୍ତିରେ ସହମତି ପ୍ରକାଶ କରିପାରୁ ନାହାନ୍ତି ପଞ୍ଚାୟତବାସୀ। ସେଥିପାଇଁ ଆଉ ଥରେ ଆଜି ବସିବ ପଲ୍ଲୀସଭା।ଦାରୁଠେଙ୍ଗ ସରପଞ୍ଚ ତପନ ଚ଼କ୍ରବର୍ତ୍ତୀଙ୍କ କହିବା କଥା ହେଲା, ବିଏମ୍‌ସି ଦୀର୍ଘ ଦିନ ଧରି କେବଳ ପ୍ରତିଶୃତି ଦେଇଆସୁଛି। ହେଲେ ପୂରଣ କରୁନାହିଁ। ୩ଥର ପ୍ରତିଶ୍ରୁତି ଦେଇ ଫେଲ ମାରିଛି। ଏନ୍‌ଜିଟି ମଧ ଏଠାରେ ଅଳିଆ ନ ଗଦାଇବାକୁ କହିଛି। ହେଲେ ଏହାକୁ ବିଏମ୍‌ସି ପାଳନ କରୁନି। ତେଣୁ ଶୀଘ୍ର ସରକାର ଏହା ଉପରେ ହସ୍ତକ୍ଷେପ କରନ୍ତୁ। ଏଠାରେ ଅଳିଆ ଗଦାଇବାକୁ ବିରୋଧ କରାଯାଇ ଆସୁଛି।ସେପଟେ ଘଟଣାରେ ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି କଂଗ୍ରେସ୍ ବିଧାୟକ ସୁରେଶ ରାଉତରାୟ। ଅନ୍ୟପଟେ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ କହିଛନ୍ତି, ମେୟର ଓ କମିଶନର ଆଲୋଚ଼ନା କରୁଛନ୍ତି। ସମସ୍ୟା ୨ରୁ ୩ ଦିନ ମଧ୍ୟରେ ସମାଧାନ ବାହାରିଯିବ। ଦାରୁଠେଙ୍ଗ ଠାରେ ଅଳିଆ ବୋଝେଇ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା ପରେ ସ୍ଥାନୀୟ ଲୋକଙ୍କ ବିରୋଧକୁ ନେଇ ୨୦ ଦିନ ହେବ ଭୁଆସୁଣି ଡମ୍ପିୟାର୍ଡରେ ଆଳିଆ ପଡିପାରୁନି। ଅଳିଆ ବୋଝେଇ ଗାଡି ଗଲେ ଫେରିଆସୁଛି।ଅନ୍ୟପଟେ ଭୁଆସୁଣି ଡମ୍ପୟାର୍ଡକୁ ବିରୋଧ ପ୍ରସଂଗରେ ଭୁବନେଶ୍ୱର ମେୟର ସୁଲୋଚ଼ନା ଦାଶ କହିଛନ୍ତି, ଏପର୍ଯ୍ୟନ୍ତ ଦାରୁଠେଙ୍ଗ ଗ୍ରାମବାସୀଙ୍କ ଆଡୁ ପ୍ରତିକ୍ରିୟା ଆସିନାହିଁ। ଖୁବଶୀଘ୍ର ଆସିବ ବୋଲି ଅପେକ୍ଷା ରହିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଠି ଅଳିଆ ପଡୁଛି ଓ ଏକ ବାୟୋମାଇନିଂ ପାଇଁ ବି ଚୁକ୍ତି ହୋଇଥିଲା। ଗତ ବୈଠକରେ ଏନେଇ ଆଲୋଚ଼ନା ହୋଇଥିଲା। ବିଏମସିର ୩୨ଟି ଗଉଡ ଓ ୧୪ଟି ଗଜରୁ ରେ ଅଳିଆ ପରିଚ଼ାଳନା ହେଉଛି। ଖୁବଶୀଘ୍ର ଆଉ ନୂଆ ଗଉଡ ତିଆରି କରି ସବୁ ଅଳିଆ ଏହି ଠାରେ ପରିଚ଼ାଳନା ହେବ। ଆସନ୍ତା ୯ମାସ ମଧ୍ୟରେ ଅଳିଆ କମାଇବା ପାଇଁ ଦାରୁଠେଙ୍ଗବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଛି।

## ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀଙ୍କର ‘ମା‘ ବିଦ୍ୟୁତ୍ ପ୍ରଭା ତ୍ରିପାଠୀଙ୍କ ପରଲୋକ

ଭୁବନେଶ୍ୱର, ୨୯।୮(ପି.ଏନ): ପୁରୀ ମିଶ୍ର ସାହି ନିବାସୀ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦିବାକର ତ୍ରିପାଠୀ ଙ୍କର ଧର୍ମପତ୍ନୀ ତଥା ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀ ଙ୍କର ‘ମା‘ ୭୯ ବର୍ଷ ବୟସରେ ବିଦ୍ୟୁତ୍ ପ୍ରଭା ତ୍ରିପାଠୀ ଦିନ ୧୨.୪୦ ସମୟରେ ଇହଲୀଳା ସମ୍ବରଣ କରିଛନ୍ତି କ୍ଷ ସେ ତାଙ୍କ ଝିଅଙ୍କ ସରକାରୀ ବାସଭବନ, ୟୁନିଟ୍- ୬ , ଭୁବନେଶ୍ୱର ଠାରେ କିଛିଦିନ ହେବ କରୁଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସାନପୁଅ ପ୍ରଜ୍ଞାନନ୍ଦ , ଝିଅ ପ୍ରଜ୍ଞାଶ୍ରୀ , ଜୟଶ୍ରୀ ବଡ ପୁଅ ବିଭୁ ପ୍ରସାଦ ଓ ପୁତ୍ରବଧୂ ପଦ୍ମଜା ନାତି ନାତୁଣୀ ଉପସ୍ଥିତ ଥିଲେ । ଧର୍ମପରାୟଣ ମହିଳା ଭାବେ ପୁରୀରେ ପରିଚ଼ିତି ରହିଛି । ପୁରୀର ରାମକୃଷ୍ଣ ମିଶନଠାରୁ ଆରମ୍ଭ କରି ସାମାଜିକ ଅନୁଷ୍ଠାନ ଗୁଡିକରେ ସ୍ୱର୍ଗତ ତ୍ରିପାଠୀଙ୍କ ସହ ସମଭାବରେ ସହଭାଗୀ ହୋଇ ଜନସାଧାରଣଙ୍କ ସେବାରେ ବ୍ରତୀ ଥିଲେ । ବଡ ପୁଅ ବିଭୁ ପ୍ରସାଦ ତ୍ରିପାଠୀ ପୁରୀ ସ୍ୱର୍ଗଦ୍ୱାର ଠାରେ ସନ୍ଧ୍ୟା ୭ ଘଟିକା ସମୟରେ ମୁଖାଗ୍ନି ଦେଇଥିଲେ ।



## ରାଜ୍ୟରେ ମୌସୁମୀ ପ୍ରବାହ ଦୁର୍ବଳ

ଭୁବନେଶ୍ୱର, ୨୯।୮(ପି.ଏନ): ମୌସୁମୀ ନିମ୍ନ ଚାପରେଖା ତାର ସାଧାରଣ ଅବସ୍ଥିତି ଠାରୁ ଉତରରେ ହିମାଳୟ ପାଦଦେଶ ନିକଟରେ ଅବସ୍ଥାନ କରୁଛି । ପ୍ରଭାବରେ ରାଜ୍ୟରେ ମୌସୁମୀ ପ୍ରବାହ ଦୁର୍ବଳ ରହିଛି । ଦୁର୍ବଳ ମୌସୁମୀ ପ୍ରଭାବରେ ଆଜି ରାଜ୍ୟରେ ୭ ସହରରେ ଦିନ ତାପମାତ୍ରା ୩୫ ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଛି । ୩୬ ଡ଼ିଗ୍ରୀ ତାପମାତ୍ରା ସହ ମାଲକାନଗିରି ରହିଛି ଉତପ୍ତ ସହର । ସେହିପରି ଉଚ୍ଚ ତାପମାତ୍ରା ଏବଂ ଆଦ୍ରତା ପ୍ରଭାବରେ ଉପକୂଳ ଓଡ଼ିଶାରେ ଅନୁଭୂତ ହେଉଛି ଗୁଳୁଗୁଳି। ଦୁର୍ବଳ ମୌସୁମୀ ଯୋଗୁ ଆହୁରି ୪ ରୁ ୫ ଦିନ ରାଜ୍ୟରେ କାଁ ଭାଁ ବିକ୍ଷିପ୍ତ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର ଭୁବନେଶ୍ୱର ।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**: ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**: ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଇଁସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।




# ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଚକ୍ଷୁଦାନ ପାଇଁ ଲୋକମାନଙ୍କୁ ଅନୁରୋଧ

ଭୁବନେଶ୍ୱର,(ପି.ଏନ) : ଚକ୍ଷୁ ଦାନର ଗୁରୁତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଏବଂ ମୃତ୍ୟୁ ପରେ ଚକ୍ଷୁ ଦାନ ପାଇଁ ଲୋକଙ୍କୁ ଶପଥ ନେବାକୁ ପ୍ରେରଣା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳନ କରାଯାଏ । ବର୍ଷସାରା ଏବଂ ବିଶେଷ କରି, ଚକ୍ଷୁ ଦାନ ପକ୍ଷରେ, ଏଲ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ (ଏଲ୍‌ଭିପିଇଆଇ) ଲୋକଙ୍କ ମଧ୍ୟରେ ଚକ୍ଷୁ ଦାନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରିଥାଏ ଏବଂ ଚକ୍ଷୁ ସଂଗ୍ରହର ବିଭିନ୍ନ ଦିଗ ଉପରେ ଚକ୍ଷୁ ଯତ୍ନ କର୍ମଚାରୀଙ୍କ ପାଇଁ ଶିକ୍ଷାମୂଳକ କାର୍ଯ୍ୟକ୍ରମ ମଧ୍ୟ ଯୋଜନା କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଗୁଣାତ୍ମକ କର୍ଣ୍ଣିଆ ଟିସୁ ଉପଲବ୍ଧ କରାଇବା, ଫଳରେ ନେତ୍ରପଟ୍ଟଳ ଦୃଷ୍ଟିହୀନତା (କର୍ଣ୍ଣିଆଲ୍ ବ୍ଲାଇଣ୍ଡନେସ୍)ର ମୁକାବିଲା କରିବାରେ ପ୍ରତିବନ୍ଧକ ରହିବ ନାହିଁ । କର୍ଣ୍ଣିଆ ରୋଗ ଭାରତରେ ଦୃଷ୍ଟିହୀନତାର ଏକ ପ୍ରମୁଖ କାରଣ । ଭାରତର ୧୦ ନିୟୁତ ଦୃଷ୍ଟିହୀନ ଲୋକଙ୍କ ମଧ୍ୟରୁ ୨ ନିୟୁତରୁ ଅଧିକ ନେତ୍ରପଟ୍ଟଳ ଦୃଷ୍ଟିହୀନତାର ପ୍ରଭାବିତ ଏବଂ ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତଙ୍କ ବୟସ ହେଉଛି ୨ବର୍ଷରୁ କମ୍ । ଏହା କର୍ଣ୍ଣିଆ ରୋଗ, ଆଘାତ କିମ୍ବା ସଂକ୍ରମଣ ହେତୁ ହୋଇପାରେ ଯେଉଁଠାରେ ଆଖିର କର୍ଣ୍ଣିଆ ଅସ୍ୱଚ୍ଛ ହୋଇଯାଏ ବା ଆଖିକୁ ଦେଖାଯାଏ ନାହିଁ । ନେତ୍ରପଟ୍ଟଳ ଦୃଷ୍ଟିହୀନତାର ଆରୋଗ୍ୟ ପାଇଁ ଏକମାତ୍ର ଉପଚାର ପଦ୍ଧତି ହେଉଛି କର୍ଣ୍ଣିଆ ପ୍ରତିରୋପଣ । ଏହା ଏକ ଅସ୍ତ୍ରୋପଚାର ପ୍ରକ୍ରିୟା ଯେଉଁଥିରେ କ୍ଷତିଗ୍ରସ୍ତ କର୍ଣ୍ଣିଆକୁ ବାହାର କରି ସେହି ସ୍ଥାନରେ ଚକ୍ଷୁଦାନକାରୀ ବ୍ୟକ୍ତିଙ୍କ ସୁସ୍ଥ କର୍ଣ୍ଣିଆ ଲଗାଯାଏ । ତେବେ ଚକ୍ଷୁଦାନକୁ ନେଇ ଜନସଚେତନତାର ଅଭାବ, ଭ୍ରାନ୍ତଧାରଣା ଏବଂ ଭୟ କାରଣରୁ ଲୋକମାନେ ଚକ୍ଷୁଦାନ କରିବାକୁ ଆଗଭର ହେଉନାହାନ୍ତି । ଭାରତରେ ବର୍ତ୍ତମାନ ଯେତିକି କର୍ଣ୍ଣିଆ ସଂଗ୍ରହ ହେଉଛି ତାହା କର୍ଣ୍ଣିଆ ପ୍ରତିରୋପଣ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କ ମଧ୍ୟରୁ କେବଳ ଏକ ଚତୁର୍ଥାଂଶ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁଛି ।ଏହି ଅବସରରେ ଡକ୍ଟର ସୁଜାତା ଦାସ, ମେଡିକାଲ ଡାଇରେକ୍ଟର, ଦୃଷ୍ଟିଦାନ ଆଇ ବ୍ୟାଙ୍କ, ଭୁବନେଶ୍ୱର, ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ କହିନ୍ତି ‘ଆମେ ଲୋକଙ୍କୁ ଅନୁରୋଧ କରୁଛି ଯେ, ସେମାନେ ଆଗକୁ ଆସନ୍ତୁ ଏବଂ ଚକ୍ଷୁ ଦାନ ପାଇଁ ଶପଥ ନିଅନ୍ତୁ । ସେହିପରି ଶପଥ ନେଉଥିବା ବ୍ୟକ୍ତି ନିଜର ଶପଥ କଥା ଅନ୍ୟକୁ ଜଣାଇବା, ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ନିଜର ଚକ୍ଷୁ ଦାନ କରିବାକୁ ଏବଂ ତାଙ୍କର ମୃତ୍ୟୁ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ହିଁ ଚକ୍ଷୁ ଦାନ ହୋଇପରିବ ଏବଂ ଏଥିରେ ତାଙ୍କ ପରିବାର ସଦସ୍ୟଙ୍କ ସହମତି ଆବଶ୍ୟକ । ଚକ୍ଷୁ ଦାନ କରି, ଆମେ ଦୁନିଆ ଦେଖିବାରୁ ବଂଚିତ କୌଣସି ଜଣେ ବ୍ୟକ୍ତିଙ୍କୁ ଦୃଷ୍ଟିଶକ୍ତି ଉପହାର ଦେଇପାରିବା ଏବଂ ମୃତ ବ୍ୟକ୍ତିଙ୍କ ସ୍ମୃତିକୁ ଜୀବନ୍ତ ରଖିପାରିବା’ ।

## ମାରୱାଡି ଯୁବା ମଂଚ ବଲାଙ୍ଗୀର ଶାଖା ପକ୍ଷରୁ ସାଇକେଲ ରେଲି

ବଲାଙ୍ଗିର, (ପି.ଏନ): ବଲାଙ୍ଗୀର ମାରୱାଡି ଯୁବା ମଂଚ ବଲାଙ୍ଗୀର ଶାଖା ପକ୍ଷରୁ ଆଜି ସକାଳେ ସହରରେ ଏକ ସାଇକେଲ ରେଲି ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ଧାଁ ଦୌଡ ଦୁନିଆରେ ଶରୀରକୁ ଫିଟ୍ ରଖିବା ଓ ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ ସାଇକେଲିଂ କରିବା ଆବଶ୍ୟକ ଅଟେ । ‘ସ୍ୱାସ୍ଥ୍ୟ ହିଁ ସଂପଦ’ ଏହି ବାର୍ତ୍ତାକୁ ଲୋକଙ୍କ ପାଖରେ ପହଂଚାଇବାର ଲକ୍ଷ ନେଇ ମାରୱାଡି ଯୁବା ମଂଚ ପକ୍ଷରୁ ଏହି ସାଇକେଲ ରେଲି ଆୟୋଜିତ ହୋଇଛି ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ମାରୱାଡି ସମାଜର ବହୁ ସ୍ୱେଚ୍ଛାସେବୀ ଓ ସଦସ୍ୟ ମାନେ ମାନେ ଯୋଗଦେଇ ସାଇକେଲ ରେଲିରେ ସହର ପରିକ୍ରମା କରିଥିଲେ । ଏହି ସାଇକେଲ ରେଲି ଗାନ୍ଧି ନଗର ପଡା ଷ୍ଟେଡିୟମରୁ ଆରମ୍ଭ ହୋଇ ବଲାଙ୍ଗୀର ସହରର ମଧ୍ୟରେ ୯ କିଲୋମିଟର ଅତିକ୍ରମ କରିଥିଲା ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନର ଶୁଭାରମ୍ଭ କରାଯାଇଛି । ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, “ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।” ସାମସଙ୍ଗର ‘ରିୱାର୍ଡ଼ ଇୟୋରସେଲ୍ଫ’ ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, “ ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: ‘ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ’ ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, “ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।” ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଓକ୍ତଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତ୍ତାବହ ହେବାକୁ ପଡ଼ିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : “ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ’ଣ କରିବେ ?” ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଓକ୍ଷ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ ‘ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା’(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର ‘ଲେଟ୍‌ସ ପ୍ଲାନ’ ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ ‘ଲେଟ୍‌ସ ପ୍ଲାନ୍’ କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ’ କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, “ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ ‘ଟକ୍ ଟୁ ମିଷ୍ଟର ଏସଆଇପି’ ପରେ ‘ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା’ ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । ‘ଲେଟ୍‌ସ ପ୍ଲାନ୍’ ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।” ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, ‘ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।”


## ପୋଖରିରୁ ଶବ ଉଦ୍ଧାର

ଜୟପୁର,(ପି.ଏନ): କୋଟପାଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ କୁନା ମାଝୀ ବୋଲି ଜଣାପଡିଥିବା ବେଳେ ଗାନ୍ଧୀ ଛକ ନିକଟରେ ତାଙ୍କ ଘର । ଆଜି ସକାଳେ କିଛି ସ୍ଥାନୀୟ ଲୋକେ ପୋଖରୀ ଗାଧୋଇବା ସମୟରେ ଶବଟି ପାଣିରେ ଭାସୁଥିବା ଦେଖି କୋଟପାଡ଼ ପୋଲିସକୁ ଖବର ଦେଇଥିଲେ । ଖବର ପାଇ କୋଟପାଡ଼ ଥାନା ଅଧିକାରୀ ଶେଷଦେବ ବେହେରା ଓଡ୍ରାଫ ଟିମ ସହ ସେଠାରେ ପହଂଚି ଥିଲେ । ପାଣିରୁ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଉଛି । ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ପୋଲିସର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ । ମୃତ ଯୁବକ ଜଣକ କାଉନସିଲର କୁଲୁ ମାଝୀଙ୍କ ଭାଇ ଅଟନ୍ତି ।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଓକ୍ଷ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, “ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଓକ୍ଷ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।” ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, “ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।




—ନିଆଳି-ମାଧବ—

# ଶ୍ରୀଜଗନ୍ନାଥଙ୍କ ମାମୁଁଘର




ଆମ ସମସ୍ତଙ୍କ ପାଇଁ କେନ୍ଦ୍ର ଓ ଶ୍ରଦ୍ଧା ଆବେଗର ଜାଣି ନାହାଁନ୍ତି ମହାପ୍ରଭୁ ମାଧବାନନ୍ଦ ଜୀଉଙ୍କ ଭାବେ ପରିଚିତ କଟକ ମାଧବାନନ୍ଦ ଜୀୟୁଙ୍କ ପକ୍ଷ ଅଷ୍ଟମୀ ତିଥିରେ ପୂର୍ବରୁ ପୋଡୁଆଁ ଭାର



ମାମୁଁଘର ବଡ଼ ଆକର୍ଷଣୀୟ କ୍ଷେତ୍ର। ତେବେ ଅନେକ ହୁଏତ ଶ୍ରୀଜଗନ୍ନାଥଙ୍କ ମାମୁଁଘର ହେଉଛି ମନ୍ଦିର। ଶ୍ରୀଜଗନ୍ନାଥଙ୍କ ମାମୁଁଘର ଜିଲ୍ଲା ନିଆଳି ବ୍ଲକ ମାଧବ ସ୍ଥିତ ମନ୍ଦିର। ମାର୍ଗଶୀର ମାସ କୃଷ୍ଣ ମାଧବ ମନ୍ଦିରରୁ ଶ୍ରୀମନ୍ଦିରକୁ ଯାଉଥିଲା। କାଳକ୍ରମେ ଏହି ପ୍ରଥା ବନ୍ଦ ହୋଇ ଯାଇଥିବାବେଳେ ଏବେ କିଛିବର୍ଷ ଧରି ଶ୍ରୀମନ୍ଦିରକୁ ପୋଡୁଆଁ ଭାର ଯାଉଛି। ମୋଗଲମାନେ ଓଡ଼ିଶାକୁ ଆକ୍ରମଣ କରିବା ଯୋଗୁଁ ଶ୍ରୀଜଗନ୍ନାଥ ମହାପ୍ରଭୁ ବାରମ୍ବାର ଶ୍ରୀକ୍ଷେତ୍ର ମନ୍ଦିର ଛାଡ଼ିବାର କିମ୍ବଦନ୍ତୀ ରହିଛି। ସେଭଳି ସ୍ଥିତିରେ ମାଧବ ମନ୍ଦିରରୁ ପ୍ରଥମାଷ୍ଟମୀରେ ଜଗନ୍ନାଥଙ୍କ ପାଇଁ ଖଣ୍ଡୁଆ ଓ ପୂଜା ସାମଗ୍ରୀ ପଠାଇବା ସମ୍ଭବ ହେଉନଥିବାରୁ ତାହା କାଳକ୍ରମେ ବନ୍ଦ ହୋଇଯାଇଥିବା କୁହାଯାଏ। କିନ୍ତୁ ଇତିହାସ ତଥ୍ୟ ଆଧାରରେ ସେହି ବନ୍ଦ ପରମ୍ପରାକୁ ପୁନଃ ପ୍ରଚଳନ ପାଇଁ ମାଧବ ମନ୍ଦିର ସେବାୟତ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ ପ୍ରୟାସ ଆରମ୍ଭ କରିଛନ୍ତି। ୨୦୧୯ ଓ ୨୦୨୦ରେ ମାଧବ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପୋଡୁଆଁ ଭାର ଯାଇଥିଲା। ଏହି ପ୍ରାଚୀନ ନିଆଳି ମାଧବାନନ୍ଦ ଜୀୟୁ ମନ୍ଦିର କିନ୍ତୁ ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହି ଯାଇଛି। ଏକଦା ୨୩ ଶହ ଏକର ଭୂ-ସମ୍ପତ୍ତିର ମାଲିକ ଥିବା ମାଧବାନନ୍ଦ ଜୀୟୁ ଏବେ ତାଙ୍କ ଦୈନନ୍ଦିନ ନୀତି ପାଇଁ ଭକ୍ତଙ୍କ ଦାନକୁ ଅପେକ୍ଷା କରୁଛନ୍ତି। ପୁରୀ ମନ୍ଦିର ଶୈଳୀରେ ନିର୍ମିତ ଏହି ପ୍ରାଚୀନ ମନ୍ଦିରର କଳାକୃତିକୁ ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଏହା ଧ୍ୱଂସାଭିମୁଖୀ ହୋଇଛି। ନିଆଳିଠାରୁ ଚାରିଛକ ରାସ୍ତାରେ ମାତ୍ର ୮ କିମି ଦୂର ଗଲେ ପଡ଼େ ମାଧବସ୍ଥିତ ମାଧବାନନ୍ଦ ଜୀୟୁ ମନ୍ଦିର। ମନ୍ଦିର ସେବା ପୂଜା ପାଇଁ ପ୍ରଥମେ ମନ୍ଦିରର ୨୩ଶହ ଏକର ଭୂସମ୍ପତ୍ତି ରହିଥିବା ବେଳେ ଏବେ ଏହା ୪୫୦ ଏକର ମଧ୍ୟରେ ସୀମିତ ରହିଛି। ସେଥିରୁ ବହୁ ଜମି ଜବର ଦଖଲରେ ରହିଛି। ଭକ୍ତକବି ଜୟଦେବ, ଶ୍ରୀଚୈତନ୍ୟ, କବିବର ରାଧାନାଥ ରାୟ ଓ ଆମେରିକୀୟ ପ୍ରତ୍ନତତ୍ୱବିତ୍ ଗର୍ଲ୍ସ ଫବ୍ରିଙ୍କ ଗବେଷଣାତ୍ମକ ତଥ୍ୟରୁ ପୀଠ ବିଷୟରେ ବହୁ ତଥ୍ୟ ଜଣାଯାଏ। ୧୨୩୦ ଖ୍ରୀଷ୍ଟାବ୍ଦରେ ରାଜା ତୃତୀୟ ଅନଙ୍ଗ ଭୀମଦେବ ପୁରୀ ମନ୍ଦିର ଢ଼ାଞ୍ଚାରେ ଏହି ମନ୍ଦିର ନିର୍ମାଣ କରିଥିବା ମାଦଳା ପାଞ୍ଜିରୁ ଜଣାଯାଏ। ଏହି କ୍ଷେତ୍ରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଥିଲେ ବି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଚାର ପ୍ରସାର ପାଇଁ ସରକାର ଉଦ୍ୟମ କରିବାକୁ ଦାବି ହେଉଛି। ଆଜି ଆସନ୍ତୁ ନିଜ ମାମୁଁଘର ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଁ ଘରକୁ ସ୍ମରଣ କରି ତାଙ୍କ ପାଖରେ ଆମ ଭକ୍ତ ନୈବେଦ୍ୟ ସମର୍ପଣ କରିବା।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# ଅଗ୍ନିପଥ ନିଯୁକ୍ତିକୁ ବିରୋଧ କରି ବଡଚଣା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ

ଚଣ୍ଡିଖୋଲ (ପି.ଏନ.)-ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟନାୟକଙ୍କ ଆହ୍ୱାନରେ ବଡଚଣା ନିର୍ବାଚନମଣ୍ଡଳୀ ଚଣ୍ଡିଖୋଲ ଛକ ବୁଦ୍ଧମୂର୍ତ୍ତି ନିକଟରେ ବଡଚଣା କଂଗ୍ରେସ କମିଟି ପକ୍ଷରୁ ୪ ବର୍ଷିଆ ଅଗ୍ନିପଥ ଠିକା ନିଯୁକ୍ତିକୁ ବିରୋଧ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ଉପସଭାପତି ପ୍ରଦୀପ କୁମାର ମହାନ୍ତି ସତ୍ୟାଗ୍ରହ ଉପଲକ୍ଷେ ଆୟୋଜିତ ସଭାକୁ ସଂଚାଳନ କରିଥିଲେ। ସତ୍ୟାଗ୍ରହରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ଯୁବକଙ୍କ ପାଇଁ ଯେଉଁ ଅଗ୍ନିପଥ ଯୋଜନା କରିଛନ୍ତି ତାକୁ କ୍ୟାପଟେନ ମହାପାତ୍ର ଦୃଢ଼ ଭାବେ ବିରୋଧ କରିଥିଲେ। କୃଷି ଆଇନକୁ କୃଷକମାନେ ପଞ୍ଜାବ ଓ ହରିୟାଣାରେ ଯେଉଁଭଳି ଭାବେ ବିରୋଧ କଲେ ମୋଦି ସରକାର ବାଧ ହୋଇ କୃଷି ଆଇନକୁ ପ୍ରତ୍ୟାହାର କଲେ, ସେହିପରି ଭାବେ ଆଗାମୀ ଦିନରେ ଆମେ କଂଗ୍ରେସ ତରଫରୁ ପ୍ରତି ୱାର୍ଡରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ନେଇ ଏହି ଅଗ୍ନିପଥ ବିରୋଧରେ ପ୍ରତିବାଦ କରିବୁ ବୋଲି ଶ୍ରୀ ମହାପାତ୍ର କହିଥିଲେ। ବିଭିନ୍ନ ସମୟରେ ବଡଚଣା କଂଗ୍ରେସ କର୍ମୀଙ୍କ ଉପରେ ଅତ୍ୟାଚାର ହେଉଥିବା ଓ ଆଗାମୀ ଦିନରେ ଏହି ଅତ୍ୟାଚାରରେ ସୁଧାର ନଆସିଲେ ଅକ୍ଟୋବର ୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର କଂଗ୍ରେସ କର୍ମୀକୁ ନେଇ ବିଶାଳ ଜନଆନ୍ଦୋଳନ କରାଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ଉପସଭାପତି ବରଦା ପ୍ରସାଦ ରାଏ, ସମ୍ପାଦକ ଆଶୀଷ ଧଳ, ଛାତ୍ର କଂଗ୍ରେସ ସଭାପତି ସଂଜିବ୍ ସାମଲ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦିପ୍ ସାମଲ, ୧୯ ନ ଜୋନ ଜିଲା ପରିଷଦ ପ୍ରାର୍ଥୀ ଶ୍ରୀକାନ୍ତ ମଲିକ, ହୃଷିକେଶ ସାମଲ, ଜୀବନ ମହାପାତ୍ର, ଦୁଷ୍ମନ୍ତ ସାମଲ, ଜୟପ୍ରକାଶ ବିଶ୍ୱାଳ, ରବୀନ୍ଦ୍ର ସାମଲ, କୁଳମଣୀ ବାରିକ, କୁସୁମ ଦେହୁରୀ, ଧନେଶ୍ୱର ସାହୁ, ଉପେନ୍ଦ୍ର ବ୍ରହ୍ମ, ଧୂଳେଶ୍ୱର ରାଏ ଓ ସୀତାବତୀ ସାମଲ ପ୍ରମୁଖ ଏହି ସତ୍ୟାଗ୍ରହରେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରବଳ ବର୍ଷା ସତ୍ୱେ ଏହି ସତ୍ୟାଗ୍ରହରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## 'ଲାଗେ ପ୍ରେମ ନଜର' ଶୁଭମୁକ୍ତି ଏଥର ବାହୁଡ଼ାରେ...

ଖୋର୍ଦ୍ଧା (ପିଏନ୍)-ଏଥର ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ାରେ ରିଲିଜ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚିତ୍ର 'ଲାଗେ ପ୍ରେମ ନଜର'। ନିକଟରେ ଏହା ମ୍ୟୁଜିକ ରିଲିଜ୍ ହୋଇଯାଇଛି। ସିନେମାର କଳାକାର ଓ କ୍ରିଉକୁ ନେଇ ମ୍ୟୁଜିକ ରିଲିଜ୍ ହୋଇଥିବା ବେଳେ ବାହୁଡ଼ାରେ ଏହାର ଶୁଭମୁକ୍ତି ହେବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରିଛି। ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ନିର୍ମିତ ଏହି ସିନେମାରେ ନାୟକ ରହିଛନ୍ତି ଅମ୍ଲାନ ଓ ତାଙ୍କ ସହ ରିୟା, ପ୍ରିୟା, ରାଗିଣୀଙ୍କ ରୋମାନ୍ସ ଦେଖିବାକୁ ମିଳିବ। ବିବାହ ପରେ ଓଲିଉଡ଼ରୁ ଏକପ୍ରକାର ଦୂରେଇ ଯାଇଥିବା ଚୁଲବୁଲି ଅଭିନେତ୍ରୀ ପ୍ରିୟା ଚୌଧୁରୀ ଏହି ସିନେମାରେ କମବ୍ୟାକ୍ କରିଛନ୍ତି। ଅନେକ ଦିନ ପରେ ଅମ୍ଲାନଙ୍କ ସହ ରିୟାଙ୍କ ଅନସ୍କ୍ରିନ୍ ରୋମାନ୍ସ ଓଡ଼ିଆ ଦର୍ଶକଙ୍କୁ ମତୁଆଲା କରିବ ନିଶ୍ଚୟ। ସେହିଭଳି ବଙ୍ଗୀୟ ସୁନ୍ଦରୀ ରାଗିଣୀ ଅନ୍ୟତମ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବବି ମିଶ୍ର, ପପି ସନ୍ତୁକା, ଅମର, ବାପି, ରିପନ, ବିନୋଦ, ଅଜୟ ପ୍ରଧାନ, ଧାରାଶ୍ରୀ ପ୍ରମୁଖ ନଜର ଆସିଛନ୍ତି। ଖଗେଶ୍ୱର ଶେଜପଡ଼ାଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ପ୍ରଯୋଜନା ଭାର ବ୍ୟୋମକେଶ ତୁଲାଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଏସ ଦିଲିପ୍ ପଣ୍ଡା। କ୍ରିଏଟିଭ ହେଡ଼ଅଛନ୍ତି ପ୍ରଣୟ ଜେଠୀ। ଚଳଚିତ୍ରର ଟ୍ରେଲର ଅଧିକ ଲୋକପ୍ରିୟତା ହାସଲ କରିସାରିଛି ସମ୍ପୂର୍ଣ୍ଣ ଚଳଚିତ୍ର ଟି ନିଶ୍ଚୟ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥାର ସିଇଓ ରୂପାଲି ଦ୍ୱିବେଦୀ ଆଶାବାଦୀ। ବୈଦ୍ୟନାଥ ଦାସଙ୍କ ସିନେମାର ସଂଗୀତ ସଜାଇଥିବା ବେଳେ ହ୍ୟୁମାନ ସାଗର, କୁଲଦୀପ, ଗୌରବ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ଦିପ୍ତୀରେଖା ପାଢୀ ଓ ଅନନ୍ୟ ଶ୍ରୀତମ ନନ୍ଦ ପ୍ରମୁଖ କଣ୍ଠଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଚଳଚିତ୍ର ଲାଗେ ପ୍ରେମ ନଜରର ଗୀତ ଓ ଭିଡ଼ିଓ ଆମରା ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଚାରିତ ହୋଇ ଲୋକପ୍ରିୟତା ହାସଲ କରିସାରିଛି।

## ଭଗବାନପୁରରେ ନାଟକ ଉତ୍ସବ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ଭଗବାନପୁର ଗ୍ରାମରେ ଦୁଇଦିନିଆ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ରାତିରେ ମୁଁ ସେଇ ଭଦ୍ରକିଆ ଟୋକା ଓ ଦ୍ୱିତୀୟ ରାତିରେ ଅସତୀ ତୁଳସୀ ସତୀଚଉରା ନାଟକ ମଞ୍ଚସ୍ଥ ହୋଇଥିଲା। ଗ୍ରାମସ୍ଥିତ ମା' ତାରିଣୀ ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ପ୍ରମୋଦ ଜେନା ମୁଖ୍ୟଅତିଥି, ପତିତପାବନ ବଳସାମନ୍ତ ଓ ଗଣେଶ୍ୱର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ କୁମାର ମହାରଣାଙ୍କ ନିର୍ଦ୍ଦେଶନାରେ ପରିବେଷିତ ନାଟକଦ୍ୱୟରେ କଳାକାର ପ୍ରକାଶ ସାମଲ, ଅରୁଣ ସାମଲ, ଅମୀୟ ରାୟ, ଅମୂଲ୍ୟ ସାମଲ, ପଳାସ ଲେଙ୍କା, ବିକ୍ରମ ସାମଲ, ସଂଜୟ ରାୟ ପ୍ରମୁଖ ଅଭିନୟ କରିଥିଲେ। ମଳୟ ସାମଲ, ଜଗନ୍ନାଥ ସାମଲ, ମାନସ ସାମଲ ଓ ପ୍ରମୋଦ ସାମଲ ଏଥିରେ ସହଯୋଗ କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ ଖୁଣ୍ଟାବାଜବାଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ସାଇ ନେତ୍ରମନ୍ଦିର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବଳରାମ ଦାସଙ୍କ ତତ୍ୱାବଧାନରେ ପରିଚାଳିତ ଶିବିରରେ ଡ. ଲକ୍ଷ୍ମୀପ୍ରିୟା ନାୟକ, ଜାହିରଉଦ୍ଦିନ୍ ଶାହା, ରୋହିତ କୁମାର ରାଉତ, ଲିପିକା ସେଠୀ, ମୁନା ରାଉତ ଓ ଗାୟତ୍ରୀ ରାଉତ ଯୋଗଦେଇ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଠାରେ ୨୦ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ରୋଗୀମାନଙ୍କୁ ମାଗଣା ଔଷଧ ଓ ଚଷମା ବିତରଣ କରାଯାଇଥିଲା। ସରପଞ୍ଚ ସବ୍ୟସାଚୀ ବେହେରା, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ନକୁଳ ଚନ୍ଦ୍ର ନାୟକ, ପରମାନନ୍ଦ ସେଠୀ ଓ ବସ' କୁମାର ନାୟକ ଯୋଗ ଦେଇଥିଲେ। ବାଜବାଟି ଗାଁ ଯୁବକମାନେ ଶିବିର ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନୀଳକଣ୍ଠ ମିଶ୍ରଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ



ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନୀଳକଣ୍ଠ ମିଶ୍ରଙ୍କ ୧୭ ତମ ଶ୍ରାଦ୍ଧବାର୍ଷିକୀ ସଂପୃକ୍ତ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଏ ନେଇ ସ୍ୱର୍ଗତଃଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ୱର୍ଗତଃଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଂଟନ ହୋଇଥିଲା। ଏଥିରେ ପରିଚାଳନା କମିଟିର ସଭାପତି ବଂଶୀଧର ପାଣିଗ୍ରାହୀ, ସହକାରୀ ଶିକ୍ଷକ ବିଜୟ କୁମାର ମହାପାତ୍ର, ନାରାୟଣ ମାନସିଂହ ଓ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ



ଭୁବନେଶ୍ୱର (ପିଏନ୍)- ନରେନ୍ଦ୍ର ମୋଦି ସରକାରର ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ସତ୍ୟାଗ୍ରହ ଆନ୍ଦୋଳନ ଭୁବନେଶ୍ୱର ସର୍କିଟ ହାଉସ ଛକରେ କରାଯାଇଥିଲା। ଏହି ସତ୍ୟାଗ୍ରହ ଦିନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ କରାଯାଇଥିଲା। କେନ୍ଦ୍ର ସରକାର ଭାରତବର୍ଷର ସେନାବାହିନୀକୁ ଦୁର୍ବଳ କରିଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ରଚନା କରିଛନ୍ତି, ତାହା ଅତ୍ୟନ୍ତ ଚିନ୍ତାଜନକ ଓ ସଂପୂର୍ଣ୍ଣ ଦେଶସ୍ୱାର୍ଥ ବିରୋଧରେ। ଓଡ଼ିଶାର ବହୁ ଗ୍ରାମାଂଚଳରେ ବହୁ ଯୁବକ ଯୁବତୀମାନେ ଜୀବନରେ ଏକ ସ୍ୱପ୍ନ ଦେଖିଥାନ୍ତି ଯେ ସେମାନେ କିପରି ସେନାବାହିନୀରେ ଯୋଗଦାନ କରି ଦେଶମାତୃକାର ସେବା କରିବେ ଏବଂ ଆବଶ୍ୟକ ପଡ଼ିଲେ ଦେଶ ପାଇଁ ଜୀବନ ଦେବେ। କିନ୍ତୁ ଅତି ଦୁର୍ଭାଗ୍ୟର କଥା ଅଗ୍ନିବୀରମାନଙ୍କୁ ମାତ୍ର ୪ ବର୍ଷ ପାଇଁ ନିଯୁକ୍ତି କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। ଏହି ନିଯୁକ୍ତି ଏକ ଠିକା ନିଯୁକ୍ତି ଅଟେ। ଯଦ୍ୱାରା ଭାରତବର୍ଷର ଯୁବକ ଯୁବତୀମାନଙ୍କର ଆଶା ଭାଙ୍ଗିପଡ଼ିବ ଏବଂ ସେମାନେ ମାନସିକ ସ୍ତରରେ ଜଣେ ବୀର ସୈନିକ ହିସାବରେ ପ୍ରସ୍ତୁତ ହୋଇପାରିବେ ନାହିଁ। ୪ ବର୍ଷ ପରେ ସେମାନଙ୍କ ମଧ୍ୟରୁ ୭୫ ଭାଗ ଲୋକଙ୍କୁ ନିଜ ନିଯୁକ୍ତି ହରାଇବାକୁ ପଡ଼ିବ। ଯଦି ଏତେ ପରିମାଣର ବୀର ସୈନିକମାନେ ନିଯୁକ୍ତି ହରାଇବେ ତାହାହେଲେ ସେମାନଙ୍କୁ କିଭଳି ଭାବରେ ଏବଂ କେଉଁ କ୍ଷେତ୍ରରେ ନିଯୁକ୍ତ କରାଯିବ। ଯେଉଁମାନେ ଦେଶପାଇଁ ବଳିଦାନ ଦେବେ ଯଦି ସେମାନଙ୍କ ଭବିଷ୍ୟତକୁ ଆମେ ସୁରକ୍ଷିତ ରଖିପାରିବା ନାହିଁ ତାହାହେଲେ ଦେଶର ଗତି କୁଆଡ଼େ। ଦେଶର ସୁରକ୍ଷାକାରୀଙ୍କୁ କାହିଁକି ଆଜି ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଉଛି। ଭାରତବର୍ଷର ସୈନିକମାନଙ୍କୁ ପେନସନ ଦେବାକୁ କଂଗ୍ରେସ ଆର୍ଥିକ ବୋଝ ବୋଲି କେବେ ବିଚାର କରେନାହିଁ।

ଏଭଳି ଏକ ତ୍ରୁଟିପୂର୍ଣ୍ଣ ତଥା ଷଡ଼ଯନ୍ତ୍ରପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ତୁରନ୍ତ ଦେଶ ଭିତରେ ଭାରତବର୍ଷର ଯୁବକ ଯୁବତୀମାନଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଦେଶର ସୈନ୍ୟବାହିନୀଙ୍କର ଭବିଷ୍ୟତକୁ ସ୍ଥିରନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହାକୁ ମୋଦି ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଜିଲ୍ଲା କଂଗ୍ରେସର ସଭାପତି ଶ୍ରୀ ଦାଶ ତଥା ବହୁ ନେତୃବର୍ଗ ମତ ପ୍ରକାଶ କରିଥିଲେ। ଏହି ସତ୍ୟାଗ୍ରହ ଆନ୍ଦୋଳନରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ରାଜୀବ ପଟ୍ଟନାୟକ, ସୁବ୍ରତ ମହାପାତ୍ର, ରଶ୍ମି ମହାପାତ୍ର, ମାନସ ଆଚାର୍ଯ୍ୟ, ଗୀତାଂଜଳି ମହାନ୍ତି, ରଜନୀ ମହାନ୍ତି, ଜାନକୀ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ଅଶୋକ ଦାସ, ମିହିର ଆଚାର୍ଯ୍ୟ, ଶ୍ରୀଧର ବଳିଆର ସିଂ, ଅନୁୱର ଖାନ, ଇନ୍ଦ୍ରଜିତ ପରିଡ଼ା, ସେକ୍ ଆଫତାବ ଅଲ୍ଲି, ବ୍ରହ୍ମାନନ୍ଦ ସାହୁ, ଦେବରାଜ ମିଶ୍ର, ଶ୍ରୀୟା ମହାନ୍ତି, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ଯୋଗୀନାଥ ବାହୁବଳେନ୍ଦ୍ର, ତରୁଣ ମିଶ୍ର, ଶତ୍ରୁଘ୍ନ ବେହେରା, ଲୁଲୁ ଏହମ୍ମଦ, ମଂଟୁ ମଲ୍ଲିକ, ସୌମେନ୍ଦ୍ର ମହାନ୍ତି, ପୁଷ୍ପିତା ଦାଶ, ଚୈତାଳୀ ପଟ୍ଟନାୟକ, ଜୟଶ୍ରୀ ନନ୍ଦ, ମାନସ ସେଠୀ, ଶୁଭ୍ରଜ୍ୟୋତି ଲେଙ୍କା, ସୂର୍ଯ୍ୟକାନ୍ତ ଜେନା, ଶିବା ରେଡ଼ି, ଦେଓ ପ୍ରସାଦ, ଜ୍ୟୋତିଷ ସାହୁ, କୁଳମଣି ସାହୁ, ଲକ୍ଷ୍ମୀପ୍ରିୟା ଦାସ, ଅକ୍ଷୟ ମହାନ୍ତି, ମାମିନା ବେହେରା, ମିନତୀ ସାହୁ, ପ୍ରଭାତ ପ୍ରତାପସିଂ, ପ୍ରମୋଦ ପରିଡ଼ା, ଉମେଶ ଦାସ, ସଂଜୟ ପରିଡ଼ା, ଶଙ୍କର ନାୟକ, ଦୁଃଶାସନ ଦାସ, ସ୍ୱାଧୀନବାଳା ଦାସ, ମନୋଜ ସାହୁ, ରାଜୀବଲୋଚନ ଜେନା, ରାଜକିଶୋର ବାରିକ, ପ୍ରଦୀପ ମହାପାତ୍ର, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଗୀତାଜାରଣ ପରିଷଦ ଦ୍ୱାରା ପଣ୍ଡିତ ସ୍ୱର୍ଗତଃ କାହ୍ନୁ ଚରଣ କରଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳନ

ଯାଜପୁର (ପିଏନ୍): ଗୀତାଜାରଣ ପରିଷଦ ଦ୍ୱାରା ପଣ୍ଡିତ ସ୍ୱର୍ଗତଃ କାହ୍ନୁ ଚରଣ କରଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳନ, ଏକ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅକ୍ଷୟ କୁମାର ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସ୍ୱର୍ଗତ କାହ୍ନୁଚରଣ କରଙ୍କର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସେ ଥିଲେ ଜଣେ ସଂସ୍କୃତ ପଣ୍ଡିତ ଏକାଧାରରେ ପ୍ରାଧ୍ୟାପକ, ଜ୍ୟୋତିର୍ବିଦ୍ ଓ ଜଣେ ଚିକିତ୍ସକ, ସମାଜସେବୀ। ସମ୍ମାନିତ ଅତିଭାବେ ବରିଷ୍ଠ ଆଇଜୀବୀ ସମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ସ୍ୱର୍ଗତଃ କର ଥିଲେ ଆଦର୍ଶ ଛାତ୍ର ଗଠନ କ୍ଷେତ୍ରରେ ଦ୍ରୋଣାଚାର୍ଯ୍ୟ। ପରିଷଦର ସଭାପତି ଆଇନଜୀବୀ ପ୍ରତିମା କର ସଭାପତିତ୍ୱ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଜିର ଯୁବ ସମାଜ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ଆବଶ୍ୟକ କାରଣ ସାହିତ୍ୟ ସମାଜର ଦର୍ପଣ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ସ୍ତୋତ୍ରପାଠ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ ପ୍ରଭଞ୍ଜନ ପତି ଓ ବିଜୟଭୂଷଣ ନନ୍ଦଙ୍କୁ କାହ୍ନୁଚରଣ କର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର କବି ପ୍ରଭାତ କୁମାର ମଲ୍ଲିକ, ଜିତେନ୍ଦ୍ର କୁମାର ବେହେରା, ମନୋଜ କୁମାର ନାଥ, ବିଷ୍ଣୁ ଚରଣ ଦଳାଇ, କବିତା ମଂଚକୁ ପରିଚାଳନା କରିଥିଲେ। ୫୦ରୁ ଉର୍ଦ୍ଧ୍ୱ କବି ଯୋଗ ଦେଇଥିଲେ। ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହସମ୍ପାଦକ ବୃନ୍ଦାବନ ମିଶ୍ର, ଅଖିଳ ମୋହନ ଦାସ ଅଭ୍ୟର୍ଥନା ଦାୟିତ୍ୱରେ ଥିବା ବେଳେ ବରିଷ୍ଠ ଉପଦେଷ୍ଟା ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ରେଜିଷ୍ଟ୍ରେସନ ଦାୟିତ୍ୱରେ କୋଷାଧ୍ୟକ୍ଷ ସୁବାସ ମହାପାତ୍ର ଓ ମିତା ଦାସ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ, ବୈଦ୍ୟନାଥ ପଣ୍ଡା, ଲକ୍ଷ୍ମୀପ୍ରିୟା ରାଉତରାୟ, ଅଧିକାରୀ ନବକିଶୋର ଦାସ, ନିରୁପମା ପଣ୍ଡା, ରାମଚନ୍ଦ୍ର ଦାସ, ରଂଜିତା ଦାସ, ପ୍ରେମଲତା ବେହୁରିଆ, ଅନୁରାଧା ମିଶ୍ର, ଅନୁସୟା ମିଶ୍ର, ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ଶଙ୍କର ସାହୁ, ସୁରଜ ପଣ୍ଡା, ଅନନ୍ୟାର ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର, ଗୁଣନିଧି ପାଣିଗ୍ରାହୀ, ଶ୍ୟାମସୁନ୍ଦର ପାଣିଗ୍ରାହୀ, ମହମ୍ମଦ୍ ସାଜିଦ୍, ହୃଷିକେଶ ପତି, ପାଗୁ ଦାସ, ବ୍ରଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରୂପାନ୍ତରିତ ବିଦ୍ୟାଳୟକୁ ଜମିପଟା ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ୫-ଟି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡା ଜିଲ୍ଲାର ୯୫ଟି ସ୍କୁଲର ରୂପାନ୍ତରଣ କରାଯାଇଛି। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥିମଧ୍ୟରୁ ୮୦ଟି ବିଦ୍ୟାଳୟକୁ ଜମିପଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାର ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିବା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସଂପୃକ୍ତ ସ୍କୁଲଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟ ଗୁଡିକୁ ଫୋକସ ସ୍କୁଲ ବା ସ୍ମାର୍ଟ ସ୍କୁଲରେ ପରିଣତ କରାଯିବା ସହ ତାହାର ଶୈକ୍ଷିକ ପରିବେଶର ବିକାଶ ସହ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଇ-ଲାବୋରେଟୋରୀ ଓ ଉନ୍ନତ ମାନର କ୍ରୀଡା ଭିତ୍ତିଭୂମୀ ପ୍ରଭୃତିର ବ୍ୟବସ୍ଥା କରାଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଡି.ଏ.ଭି କଳିଙ୍ଗନଗର ଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): କିମ୍ବଦନ୍ତି କ୍ରୀଡ଼ା ପ୍ରତିଭା ମେଜର ଧ୍ୟାନ୍‌ଚାନ୍ଦଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଡି.ଏ.ଭି କଳିଙ୍ଗ ନଗରଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସହ ଶାରୀରିକ ଦକ୍ଷତା ତଥା ବିଭିନ୍ନ କ୍ରୀଡ଼ା ଭିତ୍ତିକ କାର୍ଯ୍ୟକ୍ରମ ସହ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ମଧ୍ୟ ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ବିପିନ୍ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ତଥା ଅବସର ପ୍ରାପ୍ତ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ଅରୁଣ କୁମାର ଦାସ ଯୋଗ ଦେଇ କ୍ରୀଡ଼ାଦିବସର ତାତ୍ପର୍ଯ୍ୟ, ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଆବଶ୍ୟକତା ତଥା ଏକ ସୁସ୍ଥ ଶରୀର ସମସ୍ତ କାର୍ଯ୍ୟ ପାଇଁ ଉପଯୋଗୀ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର କ୍ରୀଡ଼ା ପ୍ରତିଭା ତଥା ଆନ୍ତର୍ଜାତୀୟ ଟାଇକୋଣ୍ଡ ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ ବିଜେତା ପ୍ରତ୍ୟୁଷ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଧ୍ୟାନ୍‌ଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀ ସୁଲଗ୍ନା ରଥ ଓ ଅଭ୍ୟର୍ଥନା ସାମନ୍ତ ଧ୍ୟାନ୍‌ଚାନ୍ଦଙ୍କ ଅମ୍ଳାନ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଶାରୀରିକ ଶିକ୍ଷା ବିଭାଗ ତଥା ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା ।

## ଅଟୋକୁ ଧକ୍କା ଦେଲା ଟ୍ରକ୍ : ୫ ମୃତ

ଢେଙ୍କାନାଳ, (ପି.ଏନ): ଅଟୋକୁ ଧକ୍କା ଦେଲା ଟ୍ରକ୍ । ଫଳରେ ଅଟୋରେ ଥିବା ୫ ଜଣଙ୍କ ମୃତ୍ୟୁ ଘଟିଛି । ଆଜି ଭୋର୍ ସମୟରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ପଥରଖମ୍ବ ଛକ ନିକଟରେ ଘଟିଯାଇଛି ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ମୃତକମାନେ ହେଲେ କାମାକ୍ଷାନଗର ଥାନା ଅନ୍ତର୍ଗତ ବାଙ୍ଗୁରା ଗାଁର । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ମୃତକମାନେ ହେଉଛନ୍ତି, ଅନନ୍ତ ସାମଲ, ପ୍ରହ୍ଲାଦ ସାମଲ, ଆଦିକନ୍ଦ ସାମଲ, ଅଙ୍କୁର ସାମଲ ଓ ତାଙ୍କ ୧୩ ବର୍ଷର ପୁଅ ଦିବ୍ୟରଞ୍ଜନ ସାମଲ ।

ଟୋଲ (ମହୁଲ ଫଳ) ପେଡ଼ିବା ପାଇଁ ଏମାନେ ସମସ୍ତେ ଅଟୋ ଯୋଗେ ୫୩ ନମ୍ବର ଜାତୀୟ ରାଜପଥରେ ମୁକ୍ତାପଶି ଅଭିମୁଖେ ଯାଉଥିବା ବେଳେ ପଥରଖମ୍ବ ଛକ ନିକଟରେ ଏହି କୋଇଲା ବୋଝେଇ ଟ୍ରକ୍ ସେମାନଙ୍କ ଅଟୋକୁ ଧକ୍କା ଦେଇଥିଲା । ଟ୍ରକ୍ ଧକ୍କାରେ ଅଟୋଟି ଭାଙ୍ଗିରୁଜି ଚୂରମାର ହୋଇଯାଇଛି । ଅଟୋରେ ଥିବା ସମସ୍ତ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ କୁ ଭଙ୍ଗାରୁଜା କରିଥିଲେ । ଅନ୍ୟପକ୍ଷରେ ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । କେମିତି ଏ ଦୁର୍ଘଟଣା ଘଟିଲା, ତାହା ସ୍ପଷ୍ଟ ହୋଇ ନଥିବା ବେଳେ ପୁଲିସ୍ ସେ ଦିଗରେ ଅନୁସନ୍ଧାନ କରୁଥିବା ଜଣାପଡ଼ିଛି ।

# ଓଡ଼ିଆଙ୍କୁ ଭଲପାଇବା ଓ ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ରକୁ ମୋଦି ସାରା ଦେଶରେ ପରିଚିତ କରୁଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): ଆଜି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' ୯୨ତମ ସଂସ୍କରଣରେ ସମ୍ବୋଧନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରନିର୍ମାଣ ଓ ସମାଜ ମଙ୍ଗଳ ପ୍ରସଙ୍ଗରେ ଆଲୋଚନା କରିବା ସହ ସାଧାରଣ ଜୀବନ ବାସ କରୁଥିବା ଲୋକମାନଙ୍କ ଅକୁହା କଥା ଆଦିକୁ ପ୍ରକାଶ କରିଥାନ୍ତି, ଯାହାକି ବାସ୍ତବ ଜୀବନରେ ବେଶ ପ୍ରତିଫଳିତ ହୋଇଥାଏ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ରବିବାର ଭୁବନେଶ୍ୱରର ସାଙ୍ଗଠନିକ ଜିଲ୍ଲା ଖଣ୍ଡଗିରି ମଣ୍ଡଳ ୱାର୍ଡ ନଂ-୨୩ ଘାଟିକିଆ ଦୁର୍ଗା ପୂଜା ମଣ୍ଡପଠାରେ ସ୍ଥାନୀୟ ବାସିନ୍ଦା ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି । 'ମନ୍ କି ବାତ୍'ରେ ଯଶସ୍ୱୀ ମୋଦିଜୀ ତ୍ରିରଙ୍ଗା ଯାତ୍ରା, ଅମୃତ ସରୋବର ଓ ମିଲେଟ ମିଶନ ବା ମାଣ୍ଡିଆକୁ ବର୍ଣ୍ଣନା କରିଛନ୍ତି । ଓଡ଼ିଶାର ଗାଁଠୁ ସହରର ଲୋକେ ଏହି ଖାଦ୍ୟ ଖାଇଥାନ୍ତି । ମାଣ୍ଡିଆ ପୋଷଣ ଯୁକ୍ତ ଖାଦ୍ୟ ହୋଇଥିବାରୁ ମୋଦିଜୀ ସମସ୍ତ ଜନସାଧାରଣ ଖାଇବାକୁ ଆହ୍ୱାନ କରିଥିବା ଶ୍ରୀ ମହାନ୍ତି କହିଛନ୍ତି । ମୋଦିଜୀ ମଧ୍ୟ ଗଣେଶ ଚତୁର୍ଥୀ ଓ ନୂଆଖାଇ ପର୍ବ ଅବସରରେ ଶୁଭକାମନା ଓ ଶୁଭେଚ୍ଛା ଜ୍ଞାପନ କରିଥିବା ଶ୍ରୀ ମହାନ୍ତି କହିଛନ୍ତି ।ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ ୭୫ଟି ଅମୃତ ସରୋବର ହେଉଛି ଓ ଜଳ ସଂରକ୍ଷଣ କଥା 'ମନ କି ବାତ୍' କାର୍ଯ୍ୟକ୍ରମରେ କହିଛନ୍ତି । ମୋଦିଜୀଙ୍କ ଲାଗି ଦେଶର ସବୁ ପ୍ରାନ୍ତରେ ଅମୃତ ମହୋତ୍ସବର ଅମୃତ ଧାରା ପ୍ରବାହିତ ହେଉଛି ଓ ଅମୃତ ମହୋତ୍ସବ ଓ ସ୍ୱାଧୀନତା ଦିବସରୁ ଜନସାଧାରଣ ଦେଶର ସମ୍ମିଳୀତ ସାମର୍ଥ୍ୟ ଓ ହୃଦୟଙ୍ଗମତାର ଚେତନା ପାଇଛନ୍ତି । ଓଡ଼ିଶାବାସୀଙ୍କ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି । ମୋଦିଜୀ ଓଡ଼ିଆଙ୍କ ପ୍ରତି ଭଲବାଇବା ଓ ବିଶେଷ କରି ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ରକୁ ମୋଦି ସାରା ଦେଶରେ ପରିଚିତ କରାଉଛନ୍ତି ଯାହା ସାଢ଼େ ଚାରିକୋଟି ଓଡ଼ିଆ ଗର୍ବ ଅନୁଭବ କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ଆଜି ବିଜେପିର ସମସ୍ତ ଜିଲ୍ଲାର କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦମାନେ ନିଜ ନିଜ ଅଂଚଳର ସ୍ଥାନୀୟ ବାସିନ୍ଦାଙ୍କ ସହ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଛନ୍ତି । ସାଂସଦ, ବିଧାୟକ, ନିର୍ବାଚନ ଜନପ୍ରତିନିଧି, ଦଳୀୟ ଅଧିକାରୀବୃନ୍ଦ ଇତ୍ୟାଦି ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଥିଲେ । ୪୮୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ କାର୍ଯ୍ୟକର୍ତ୍ତାମାନେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' ଶୁଣିଥିଲେ । '

# ଯୁବ କଂଗ୍ରେସର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ପ୍ରତିଜ୍ଞା ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଦୁଇଦିନିଆ ପ୍ରଶିକ୍ଷଣ ଶିବିର 'ପ୍ରତିଜ୍ଞା' ଆଜି ବରଗଡ଼ ଜିଲ୍ଲା ପାଇକମାଳ ନୃସିଂହନାଥ ପୀଠରେ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ ଦିବସରେ ସର୍ବପ୍ରଥମେ ନୃସିଂହନାଥ ପୀଠରେ ସଫାଇ କରାଯାଇଥିଲା । ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ପତାକା ଉତ୍ତୋଳନ କରି ଶିବିରର ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଅତିଥିଭାବେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ଡ. ବିଶ୍ୱଭୂଷଣ ମହାନ୍ତି, ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ଘସିରାମ ମାଝୀ, ଯୁବନେତା ନିପନ ଦାସ ପ୍ରମୁଖ ଯୋଗ ଦେଇ କଂଗ୍ରେସର ବିଚାରଧାରାକୁ ଆଗାମୀପିଢ଼ୀ ପାଖରେ ପହଂଚାଇବା ଦାୟିତ୍ୱ ଯୁବ କଂଗ୍ରେସର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ବିଭାଗର ମୁଖ୍ୟ ସନ୍ତୋଷ କୁଲକୁଣ୍ଡା, ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ, ସୁମିତ ବଶିଷ୍ଟ, ଚୈତନ୍ୟ କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଯୋଗଦେଇ ପ୍ରଥମ ଦିନର ବିଭିନ୍ନ ଅଧିବେଶନକୁ ସମ୍ବୋଧିତ କରିଥିଲେ ।

## ନିଖୋଜ ବୃଦ୍ଧଙ୍କ ଗଳିତ ଶବ ଋଷିକୂଲ୍ୟା ନଦୀରୁ ଉଦ୍ଧାର

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ବରଡ଼ାବିଲି ଋଷିକୂଲ୍ୟା ନଦୀରୁ ଆଜି ସକାଳେ ଏକ ଗଳିତ ଶବ ଜବତ ହୋଇଛି । ଦୁଇ ଦିନ ପୂର୍ବେ ସୋରଡ଼ା ଥାନା ଅନ୍ତର୍ଗତ ନୂଆଗଡ଼ ଗ୍ରାମର ଶଙ୍କର ବେହେରା (୬୦) ନଦୀକୁ ମାଛ ଧରିବାକୁ ଯାଇ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ଏନେଇ ପରିବାର ଲୋକେ ସୋରଡ଼ା ଥାନାରେ ଅଭିଯୋଗ କରିଥିଲେ । ସୋରଡ଼ା ପୋଲିସ ଏବଂ ଅଗ୍ନିଶମ ବାହିନୀ ନଦୀରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇନଥିଲେ । ଆଜି ସକାଳେ ଶଙ୍କରଙ୍କ ଶବ ବରଡ଼ାବିଲି ଠାରେ ନଦୀ ଜଳରେ ଭାସୁଥିବା ଦେଖିବାକୁ ମିଳିଥିଲା । ଖବର ପାଇ ସୋରଡ଼ା, ଧରାକୋଟ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଥିଲେ । ଶବ ଜବତ ପରେ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଆସିକା ଡାକ୍ତରଖାନାକୁ ପଠାଯାଇଛି ।

# କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଜିଲା ପ୍ରେସ କ୍ଲବ, ଫୁଲବାଣୀ ଠାରେ ରବିବାର ଡ ଅରୁପ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ ସଂଘର ସଭ୍ୟସଭ୍ୟା ଓ କର୍ମକର୍ତ୍ତା ମାନଙ୍କୁ ପ୍ରଥମେ ସ୍ୱାଗତ ଜଣାଇଥିଲେ ।ସାଧାରଣ ସମ୍ପାଦକ ଜୟସେନ ପରିଡା ଗତବାର୍ଷିକ ଉତ୍ସବ ଓ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ । କରୋନା ଯୋଗୁଁ କେତେକ ଜନମଙ୍ଗଳ କାର୍ଯ୍ୟକ୍ରମ କରାଯାଇପାରିନଥିଲା । ଚଳିତ କାର୍ଯ୍ୟକାରୀ କମିଟିକୁ ସଭାପତି ଭଙ୍ଗ କରି ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ । ସଦସ୍ୟମାନଙ୍କ ଅନୁରୋଧ କ୍ରମେ ଡ଼ଃ. ଅରୁପ କୁମାର ଜେନା ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ସର୍ବ ସମ୍ମତି କ୍ରମେ ସଂଘର ସଭାପତି ରୂପେ ପୁନର୍ବାର ଡ଼ଃ. ଅରୁପ କୁମାର ଜେନା ମନୋନୀତ ହୋଇଥିଲେ । କାର୍ଯ୍ୟକାରୀ ସଭାପତି ରୂପେ ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ରୂପେ ଅଶୋକ ପରିଡାଙ୍କୁ ମନୋନୀତ କରାଯାଇଛି । ଚାରି ଜଣ ଉପସଭାପତି ଯଥାକ୍ରମେ ସନ୍ତୋଷ କୁମାର ଦିଗଲଙ୍କ ସହ ଅଭିମନ୍ୟୁ ପଣ୍ଡାରାଇକିଆ, ପ୍ରକାଶ ନାୟକ, ବାଲିଗୁଡା ସମୀର ପାଢ଼ୀ ଜି. ଉଦୟଗିରି ମନୋନୀତ ହୋଇଛନ୍ତି । ପାଂଚ ଜଣ ସମ୍ପାଦକଙ୍କ ମଧ୍ୟରେ ଅଜିତ ନାୟକ ଫିରିଙ୍ଗିଆ, ପ୍ରମୋଦ ଦଣ୍ଡସେନା ବାଲିଗୁଡା, ରାମକୃଷ୍ଣ ଚୌଧୁରୀ ଜି. ଉଦୟଗିରି, ଅମୀୟ ସିଂ ଦାରିଙ୍ଗବାଡି ଓ ଶ୍ରବଣ ଦିଗାଲ ମନୋନୀତ ହୋଇଛନ୍ତି । କୋଷାଧ୍ୟକ୍ଷ ଭାବେ ବରିଷ୍ଠ ସାମ୍ବାଦିକ ଶିବାନନ୍ଦ ପଟ୍ଟନାୟକ ମନୋନୀତ ହୋଇଛନ୍ତି । ଦଶ ଜଣିଆ କାର୍ଯ୍ୟକାରୀ କମିଟିକୁ ସାମ୍ବାଦିକ ଜୟସେନ ପରିଡା, ଚତୁର୍ଭୁଜ ଦାସ,ବିଜୟ ମହାନ୍ତି, ନାରାୟଣ ସାହୁ, ରଜତ ନାୟକ, ଅଶୋକ ମିଶ୍ର, ଅରୁଣ ଦିଗାଲ, ଅଚ୍ୟୁତାନନ୍ଦ ସେଠୀ, ସାମ୍ବାଦିକା ନିବେଦିତା ଖାଡେଙ୍ଗା ଓ ମୌସୁମୀ ରାୟ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ସାମ୍ବାଦିକ ମହମ୍ମଦ ନାଜିର ଅଖତାର, ମହାଦେବ ସାହୁ, ବିଦ୍ୟାଧର ପାଳ ଓ ଶିଶିର ପଟ୍ଟନାୟକ ମନୋନୀତ ହୋଇଛନ୍ତି ।ନିମନ୍ତ୍ରିତ ସଦସ୍ୟ ଭାବେ ୧୨ଜଣ ମନୋନୀତ ସଭ୍ୟଙ୍କ ମଧ୍ୟରେ ରମେଶ ପ୍ରଧାନ, ଆଦିତ୍ୟ ତ୍ରିପାଠୀ, ଶିବ ବିଶ୍ୱାଳ, କିଶୋର ସାହୁ, ପ୍ରଶାନ୍ତ ପଣ୍ଡା, ଶିବ ପ୍ରସାଦ ନାୟକ, ପ୍ରଶାନ୍ତ କୁମାର ଜେନା, ସୂର୍ଯ୍ୟ ନାରାୟଣ ବେହେରା, ସନ୍ତୋଷ କୁମାର ବେହେରା, ରଞ୍ଜିତ ଦିଗାଲ, କ୍ଷିତିଷ ମଲିକ ଓ ପ୍ରଭାତ ନନ୍ଦ ପ୍ରମୁଖ ମନୋନୀତ ହୋଇଛନ୍ତି । ଗଣମାଧ୍ୟମ ପ୍ରତିନିଧି ମାନେ ଚତୁର୍ଥ ସ୍ତମ୍ଭର ମର୍ଯ୍ୟାଦା ରକ୍ଷା କରି ସମାଜରୁ ଅନ୍ୟାୟ ଦୁର୍ନୀତି ଶୋଷଣ ଦୂର କରିବା ପାଇଁ ପ୍ରୟାଶ କରିବା ଆବଶ୍ୟକ । ସର୍ବଦା ତଥ୍ୟ ଭିତିକ ଓ ସତ୍ୟ ସମ୍ବାଦ ପରିବେଷଣ କରି କରିବା ପାଇଁ ସଂଘର ସଦସ୍ୟମାନେ କାର୍ଯ୍ୟ କରିବା ଲାଗି ସଭାପତି ଡ ଅରୂପ କୁମାର ଜେନା ପରାମର୍ଶ ଦେଇଥିଲେ । ଜିଲାର ବିଭିନ୍ନ ଅଂଚଳର ସାମ୍ବାଦିକ ମାନେ ଏହି ବୈଠକରେ ଯୋଗଦାନ କରିଥିଲେ ।

# ରାଜ୍ୟ ଅଣସଂଗଠିତ ଶ୍ରମିକ ଏବଂ କର୍ମଚାରୀ କଂଗ୍ରେସର ସମୀକ୍ଷା ବୈଠକ

ଭୁବନେଶ୍ୱର, (ପି.ଏନ): ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରବିବାର କଂଗ୍ରେସ ଭବନ ଠାରେ ରାଜ୍ୟ ଅଣସଂଗଠିତ ଶ୍ରମିକ କର୍ମଚାରୀ ମାନଙ୍କୁ ତୃଣମୂଳ ସ୍ତରରୁ ସଂଗଠିତ କରାଯିବା ନେଇ ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସମସ୍ତ କର୍ମୀ ଓ ନେତୃତ୍ୱକୁ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ଅଣସଂଗଠିତ ଶ୍ରମିକ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଏହା ସହିତ ରାଜ୍ୟର ପ୍ରତ୍ୟେକ ଖଟିଖିଆ ଗରିବ ମେହନତି ମଣିଷ ଏବଂ ଚାଷୀ ମୂଲିଆଙ୍କୁ ସାମାଜିକ ସୁରକ୍ଷା ନିଶ୍ଚିତ କରିବାପାଇଁ ବିଗତ ଦିନରେ କଂଗ୍ରେସ କରିଥିବା ସମସ୍ତ ଆଇନ ଓ ଯୋଜନାକୁ ଅଣଦେଖା କରାଯାଉଥିବା ବେଳେ ବର୍ତ୍ତମାନ ଆମକୁ ଏ କ୍ଷେତ୍ରରେ ସଂଗ୍ରାମ କରିବାକୁ ପଡ଼ିବ । ଆଗାମୀ ସେପ୍ଟେମ୍ବର ୪ ତାରିଖ ମହଙ୍ଗାଇ ବିରୋଧରେ ଦିଲ୍ଲୀ ଚଲୋ ଅଭିଯାନକୁ ସଫଳ କରିବାପାଇଁ ଆହ୍ୱାନ ଦେଇଥିଲେ । ସଭାରେ ସାଧାରଣ ସଂପାଦକ ତ୍ରିଲୋଚନ ମହାନନ୍ଦ, ଉପାଧ୍ୟକ୍ଷ ଜ୍ୟୋତ୍ସ୍ନା ସେନାପତି, ରାଜ୍ୟ ନିର୍ମାଣ ଶ୍ରମିକ ମୁଖ୍ୟ କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ରାଉରକେଲା ଠାରେ ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ଏକ ବିରାଟ ସଭା ଆୟୋଜନ ସହିତ ଏକଲକ୍ଷ ଡିଜିଟାଲ ସଭ୍ୟ ସଂଗ୍ରହ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ, (ପି.ଏନ): ଦେଶର ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ଅବସରରେ ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ ଚାଲିଥିବା 'ହର ଘର ତିରଙ୍ଗା' ଅଭିଯାନ କଥା ସ୍ମରଣ କରି ଆଜି ଉକ୍ତ ଅଭିଯାନକୁ ବ୍ୟାପକ କରିଥିବା ଦେଶବାସୀଙ୍କୁ 'ମନ୍ କୀ ବାତ୍'ର ୯୨ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ମୋଦୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅମୃତ ମହୋତ୍ସବ ଓ ସ୍ୱାଧୀନତା ଦିବସର ଏହି ବିଶେଷ ଅବସରରେ ଆମେ ଦେଶର ସାମୂହିକ ଶକ୍ତିକୁ ଦେଖିପାରିଛୁ । ଗୋଟିଏ ଚେତନାର ଅନୁଭୂତି ମିଳିଛି । ଏତେ ବଡ଼ ଦେଶ, ଏତେଗୁଡ଼ିଏ ବିବିଧତା, କିନ୍ତୁ ତ୍ରିରଙ୍ଗା ଉଡ଼ାଇବାର କଥା ଯେତେବେଳେ ଆସିଲା, ସେତେବେଳେ ପ୍ରତ୍ୟେକ ସେହି ଗୋଟିଏ ଭାବଧାରାରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଲା । ଲୋକେ ସ୍ୱୟଂ ତ୍ରିରଙ୍ଗାର ଗୌରବର ପ୍ରହରୀ ହୋଇ ଆଗେଇ ଆସିଲେ । ଅମୃତ ମହୋତ୍ସବର ଏହି ରଙ୍ଗ କେବଳ ଭାରତରେ ହିଁ ନୁହେଁ, ବରଂ ବିଶ୍ୱର ଅନ୍ୟ ଦେଶମାନଙ୍କରେ ମଧ୍ୟ ଦେଖିବାକୁ ମିଳିଲା । ବୋଟସ୍ୱାନାରେ ଥିବା ସ୍ଥାନୀୟ କଣ୍ଠଶିଳ୍ପୀମାନେ ଭାରତର ସ୍ୱାଧୀନତାରେ ୭୫ ବର୍ଷ ପାଳନ କରିବା ପାଇଁ ୭୫ଟି ଦେଶାତ୍ମବୋଧକ ଗୀତ ଗାଇଲେ । ଏଥିରେ ଆଉ ଗୋଟିଏ ବିଶେଷ କଥା ହେଲା, ଯେ ଏହି ୭୫ଟି ଗୀତ ହିନ୍ଦୀ, ପଞ୍ଜାବୀ, ଗୁଜରାଟି, ବଙ୍ଗଳା, ଅସମିଆ, ତାମିଲ, ତେଲୁଗୁ, କନ୍ନଡ଼ ଓ ସଂସ୍କୃତ ଭାଷାଗୁଡ଼ିକର ଥିଲା । ସେହିପରି ନାମିବିୟାରେ ଭାରତ-ନାମିବିୟାର ସାଂସ୍କୃତିକ-ପରମ୍ପରାଗତ ସମ୍ପର୍କକୁ ନେଇ ବିଶେଷ ଡାକଟିକଟ ଜାରି କରାଗଲା ।ସେହିପରି ଦୂରଦର୍ଶନରେ ପ୍ରସାରିତ ହେଉଥିବା ସ୍ୱରାଜ କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଆମ ସଂସ୍କୃତିରେ ହଜାର ହଜାର ବର୍ଷ ପୂର୍ବେ ଜଳ ଓ ଜଳ ସଂରକ୍ଷଣର ଗୁରୁତ୍ୱକୁ ବୁଝାଇ ଦିଆଯାଇଛି । ଏହି ଜ୍ଞାନକୁ ଯେତେବେଳେ ଆମେ ଆଜିର ପରିପ୍ରେକ୍ଷୀରେ ଦେଖୁଛୁ, ସେତେବେଳେ ରୋମାଂଚିତ ହୋଇଉଠୁଛୁ । କିନ୍ତୁ, ଏହି ଜ୍ଞାନକୁ ଦେଶ ଯେତେବେଳେ ନିଜର ସାମର୍ଥ୍ୟ ରୂପେ ଗ୍ରହଣ କରୁଛି ସେତେବେଳେ ଏହାର ଶକ୍ତି ଅନେକ ଗୁଣ ବୃଦ୍ଧି ପାଉଛି । ଆପଣମାନଙ୍କର ମନେଥିବ, 'ମନ୍ କି ବାତ୍'ରେ ହିଁ ଚାରିମାସ ପୂର୍ବେ ମୁଁ ଅମୃତ ସରୋବର କଥା କହିଥିଲି । ତା ପରେ ବିଭିନ୍ନ ଜିଲ୍ଲାମାନଙ୍କରେ ସ୍ଥାନୀୟ ପ୍ରଶାସନ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକେ ଲାଗିପଡ଼ିଲେ ଆଉ, ଦେଖୁ ଦେଖୁ ଅମୃତ ସରୋବର ନିର୍ମାଣ ଗୋଟିଏ ଜନ-ଆନ୍ଦୋଳନରେ ପରିଣତ ହୋଇଯାଇଛି । ଯେତେବେଳେ ଦେଶ ପାଇଁ କିଛି କରିବାର ଭାବନା ଥାଏ, ନିଜ କର୍ତ୍ତବ୍ୟ ପ୍ରତି ସଚେତନତା ଥାଏ, ଆଗାମୀ ପିଢ଼ି ପାଇଁ ଚିନ୍ତା ଥାଏ, ସେତେବେଳେ ସାମର୍ଥ୍ୟ ଜୁଟିଯାଏ ଆଉ ସଂକଳ୍ପ ମହତ୍ ହୋଇଯାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅମୃତ ସରୋବର ଅଭିଯାନରେ ଉତ୍ସାହର ସହିତ ଅଂଶଗ୍ରହଣ କରନ୍ତୁ ଏବଂ ଜଳ ସଂଚୟ ଓ ସଂରକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ଏହି ପ୍ରଚେଷ୍ଟାକୁ ଆହୁରି ଶକ୍ତିଶାଳି କରନ୍ତୁ, ଏହାକୁ ଆଗେଇ ନିଅନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହା ବ୍ୟତୀତ ଆସାମର ବୋନଗାଇ ଗାଁରେ କୁପୋଷଣ ରୋକିବାକୁ ପ୍ରୋଜେକ୍ଟ ସମ୍ପୂର୍ଣ୍ଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଜାତିସଂଘ ଏକ ପ୍ରସ୍ତାବ ଗୃହୀତ କରି ୨୦୨୩ ବର୍ଷକୁ ଇଂଟରନେସନାଲ୍ ଇୟର୍ ଅଫ୍ ମିଲେଟ୍ସ ଘୋଷିତ କରିଛି । ଚେନ୍ନଇର ଶ୍ରୀଦେବୀ ବର୍ଦ୍ଦରାଜନ୍ ଜୀ ତାଙ୍କ ନିକଟକୁ ଦଶର ଏକ ମିଲେଟ୍ ମାନଚିତ୍ର ଦେଇଥିବା ସେ ପ୍ରକାଶ କରିଛନ୍ତି । ପର୍ବପର୍ବାଣୀର ଏହି ଋତୁରେ ଆମେ ଅଧିକାଂଶ, ଭୋଜନରେ ମଧ୍ୟ ମିଲେଟ୍ସର ଉପଯୋଗ କରୁ । ଆପଣ ନିଜ ଘରେ ତିଆରି ହେଉଥିବା ଏପରି ଭୋଜନର ଫଟୋ ସାମାଜିକ ଗଣମାଧ୍ୟମରେ ନିଶ୍ଚୟ ଶେୟାର୍ କରନ୍ତୁ, ଯେପରିକି ଲୋକଙ୍କ ମଧ୍ୟରେ ମିଲେଟ୍ସକୁ ନେଇ ସଚେତନତା ବଢ଼ିବାରେ ସହାୟତା ମିଳିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।ଏଇ କିଛିଦିନ ପରେ ହିଁ ଭଗବାନ ଗଣେଶଙ୍କ ଆରାଧନାର ପର୍ବ ଗଣେଶ ଚତୁର୍ଥୀ ପଡ଼ିବ । ଗଣେଶ ଚତୁର୍ଥୀ ମାନେ ଗଣପତିଙ୍କର ଆଶୀର୍ବାଦର ପର୍ବ । ଗଣେଶ ଚତୁର୍ଥୀ ପୂର୍ବରୁ ଆଉ ଏକ ପର୍ବ 'ଓଣମ୍' ମଧ୍ୟ ଆରମ୍ଭ ହେବ । ବିଶେଷକରି କେରଳରେ ଶାନ୍ତି ଓ ସମୃଦ୍ଧିର ଭାବନା ସହିତ 'ଓଣମ୍' ପାଳନ କରାଯିବ । ଅଗଷ୍ଟ ୩୦ ତାରିଖ ଦିନ ହରିତାଳିକା ତୃତୀୟା ମଧ୍ୟ ପଡୁଛି । ଓଡ଼ିଶାରେ ସେପ୍ଟେମ୍ବର ୧ ତାରିଖ ଦିନ ନୂଆଖାଇ ପର୍ବ ମଧ୍ୟ ପାଳନ କରାଯିବ । 'ନୂଆଖାଇ'ର ଉଦ୍ଦେଶ୍ୟ ହେଉଛି ନୂଆ ଖାଇବା । ଏହା ମଧ୍ୟ ଅନ୍ୟ ଉତ୍ସବମାନଙ୍କ ଭଳି ଆମ କୃଷି ପରମ୍ପରା ସହ ଜଡ଼ିତ ଏକ ପର୍ବ । ଏହାମଧ୍ୟରେ ଜୈନ ସମାଜର ସମ୍ବତ୍ସରୀ ପର୍ବ ମଧ୍ୟ ଆୟୋଜିତ ହେବ । ଆମର ଏହି ସମସ୍ତ ପର୍ବ ଆମର ସାଂସ୍କୃତିକ ସମୃଦ୍ଧି ଏବଂ ଜୀବନ୍ତତାର ପରିଚାୟକ । ଏହି ଉତ୍ସବ ଏବଂ ବିଶେଷ ଅବସରଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି ।


2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର ,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜୁ ଜନତା ଦଳ ସରକାର କଲେଜ ଓ ୟୁନିଭର୍ସିଟି ମାନଙ୍କରେ ୪ବର୍ଷ ଧରି ନିର୍ବାଚନ କରୁନଥିବା ପ୍ରସଙ୍ଗରେ ନିନ୍ଦା ପ୍ରସ୍ତାବ ଅଣାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ୪ବର୍ଷ ଧରି ନିର୍ବାଚନ ବନ୍ଦ କରି ବିଜୁ ଜନତା ଦଳ ଓଡ଼ିଶାର ମହାବିଦ୍ୟାଳୟ, ସ୍ୱୟଂଶାସିତ ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ ଯେଉଁ କ୍ୟାମ୍ପସ କମିଟି ଗଠନ କରିବାକୁ ଯାଉଛନ୍ତି ଏହା ଓଡ଼ିଶାର ଛାତ୍ର ସ୍ୱାର୍ଥ ବିରୋଧି। ବିରୋଧି ଦଳରେ ଛାତ୍ର ନେତା ସୃଷ୍ଟି କରାଇ ନଦେବାପାଇଁ ଏହା ଏକ ଷଡ଼ଯନ୍ତ୍ର। ବିଜୁ ଛାତ୍ର ଜନତା ଦଳର ଏହି ଗଣତନ୍ତ୍ର ବିରୋଧି କାର୍ଯ୍ୟ ସଂପର୍କରେ ସମସ୍ତ ଶିକ୍ଷାନୁଷ୍ଠାନରେ ସଚେତନତା ସୃଷ୍ଟି କରିବା ଆମର ପ୍ରଥମ ଦାୟିତ୍ୱ ଓ କର୍ତବ୍ୟ ଅଟେ। ଆଜିର କାର୍ଯ୍ୟକାରିଣୀରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଂପାଦିକା ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଯୋଗଦେଇ କହିଥିଲେ ପ୍ରଦେଶ ଛାତ୍ର କଂଗ୍ରେସ ମଧ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ କ୍ୟାମ୍ପସ କମିଟି ଗଠନ କରିବ। ଏହି କାର୍ଯ୍ୟ ଆଜିଠାରୁ ୨୦ ଦିନ ଭିତରେ ସଂପୂର୍ଣ୍ଣ ହେବାପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଦୁଇମାସ ପୂର୍ବରୁ ଏହି କାର୍ଯ୍ୟ ଚାଲୁ ରହିଛି। ସୁଶ୍ରୀ ବୋଷା କହିଥିଲେ ଯେ ୩ ମାସ ଭିତରେ ନ୍ତଛାତ୍ର ଯୋଡ଼, ଭାରତ ଯୋଡ଼ନ୍ତ କାର୍ଯ୍ୟକ୍ରମ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ମାନଙ୍କରେ ଆୟୋଜିତ ହେବ।

ଶ୍ରୀ ନୱାଜ କହିଥିଲେ ଯେ କ୍ୟାମ୍ପସ କମିଟି ନିଜ ନିଜର ଶିକ୍ଷାନୁଷ୍ଠାନ ସାମନାରେ ଛାତ୍ର ସଂସଦର ନିର୍ବାଚନ ଦାବି କରିବା ସହ ଓଡ଼ିଶା ସରକାର ଦୀର୍ଘ ୨୨ ବର୍ଷ ଧରି ଓଡ଼ିଶାର ଛାତ୍ର ସମାଜ ପ୍ରତି କରିଥିବା ଅନ୍ୟାୟର ପ୍ରତିବାଦ କରିବେ। ପ୍ଲା କାର୍ଡ଼ ପ୍ରଦର୍ଶନ କରିବ। ଶ୍ରୀ ନୱାଜ କହିଥିଲେ ଯେ ଛାତ୍ର ବିଜେଡ଼ି ଯେଉଁ କମିଟି ଗଠନ କରିବ ତାହା ଶିକ୍ଷାନୁଷ୍ଠାନମାନଙ୍କୁ ସଂପୂର୍ଣ୍ଣ ନିୟନ୍ତ୍ରିତ କରିବ ଏଥିରେ ସଂଦେହ ନାହିଁ। ଏବେ ସବୁ କଲେଜ ଓ ୟୁନିଭର୍ସିଟି ଗୁଡ଼ିକ ବିଜୁ ଜନତା ଦଳରେ ପରିଣତ ହେବ। ହେଲ୍ପଡେସ୍କ, ସୃତନ୍ତ କ୍ୟାମ୍ପ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତୃପକ୍ଷଙ୍କ ମନମାନୀ, ପିଲାଙ୍କ ସମସ୍ୟା ଓ ଦୁର୍ନୀତିକୁ ପଦାକୁ ଆଣିବା ପ୍ରସଙ୍ଗରେ ବିଜୁ ଛାତ୍ର ଜନତା କାମ କରିବ ବୋଲି ଯେଉଁ ଉଲ୍ଲେଖ କରାଯାଇଛି ତାହା ହାସ୍ୟାସ୍ପଦ। ଶ୍ରୀ ନୱାଜ ଆଗାମୀ ତିନି ମାସର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ କହିଥିଲେ ଯେ ଜାତୀୟ ଶିକ୍ଷାନୀତି-୨୦୨୦କୁ ପ୍ରତିବାଦ, ଦିବ୍ୟାଙ୍ଗ ଓ ଖେଳ ସାର୍ଟିଫିକେଟ ଜାଲକରି ନାମଲେଖା, କଲେଜର ପାଣ୍ଠିର ଅପବ୍ୟବହାର ଓ ଦୁର୍ନୀତି, କଲେଜ ଫି ବୃଦ୍ଧି (ସରକାରୀ / ବେସରକାରୀ), କ୍ୟାମ୍ପସ ର୍ୟାଗିଂ, ଶାସକ ଦଳର ସମର୍ଥିତ ଛାତ୍ର ମାନଙ୍କର ଦୌରାତ୍ମ୍ୟ, କଲେଜ କତୃପର୍କ୍ଷଙ୍କ ମନମାନୀ ଏବଂ ପକ୍ଷପାତିତା, ନିଶାମୁକ୍ତ କ୍ୟାମ୍ପସ, ଅଧ୍ୟକ୍ଷ, ଅଧାପକ ଏବଂ ଅନ୍ୟାନ୍ୟ ଷ୍ଟାଫଙ୍କର ବର୍ଷ ବର୍ଷ ଧରି ପଦବୀ ଖାଲି ପ୍ରସଙ୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିକ୍ଷୋଭ ହେବ। ଶ୍ରୀ ନୱାଜ କହିଥିଲେ ଜିଲ୍ଲା କମିଟି / ବିଧାନସଭା ନିର୍ବାଚନ ମଣ୍ଡଳୀ କମିଟି କ୍ୟାମ୍ପସ କାର୍ଯ୍ୟକ୍ରମ ପରେବି ଛାତ୍ରମାନଙ୍କ ସହ ମିଶି ନ୍ତଛାତ୍ର ଯୋଡ଼, ଭାରତ ଯୋଡ଼ନ୍ତ କାର୍ଯ୍ୟକ୍ରମ କରିବେ। ଏଥିରେ ଅନ୍ୟୁନ ୫ କିଲୋମିଟର ପଦଯାତ୍ରାକରି ପଂଚାୟତ ସମିତି / ଏଡିଏମ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ପ୍ରତିବାଦ କରିବେ। ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷ, ଅଧାପକ ଓ ଅନ୍ୟାନ୍ୟ ଷ୍ଟାଫ ପଦବୀ ଖାଲି, ଉକ୍ଟ ବେକାରୀ, ଦାରିଦ୍ର୍ୟ, ଦରଦାମ ବୃଦ୍ଧି, ମହିଳା ନିର୍ଯ୍ୟାତନା, ଦୁର୍ନୀତି, ଛାତ୍ର ଓ ଯୁବ ସମାଜ ପ୍ରତି ଉଦାସୀନତା, ଅସୁରକ୍ଷିତ କ୍ୟାମ୍ପସ, କ୍ୟାମ୍ପସରେ ନିଶା କାରବାର, ଚାକିରି ବିକିରି, ପୋଲିସ ଓ ସମସ୍ତ ସରକାରୀ ଅନୁଷ୍ଠାନର ପକ୍ଷପାତିତା ପ୍ରସଙ୍ଗରେ ଆନ୍ଦୋଳନ କରି ସାଧାରଣ ଜନତାଙ୍କୁ ସଚେତନ କରାଯିବ। ଆଜିର କାର୍ଯ୍ୟକାରିଣୀ ଓଡ଼ିଶାର ବନ୍ୟା ପ୍ରଭାବିତ ଜିଲ୍ଲା ମାନଙ୍କରେ ସ୍କୁଲ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଫି ଛାଡ଼ ପାଇଁ ଦାବି କରୁଅଛି। ୪ବର୍ଷ ଧରି ଓଡ଼ିଶାର ଛାତ୍ର ସମାଜକୁ ଭୂଆଁ ବୁଲାଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ସ୍ଥଗିତ ରଖିଥିବା ବିଜୁ ଜନତା ଦଳ ସରକାର ବିରୋଧରେ ଛାତ୍ର ଆନ୍ଦୋଳନ ଏବଂ ଜନ ଆନ୍ଦୋଳନ ସୃଷ୍ଟି କରାଯିବା ସହ ଆଇନର ଆଶ୍ରୟ ନେବ ବୋଲି ନିଷ୍ପତି ନିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ସାଂସଦ ନିରୋଜ ଡାଙ୍ଗି, ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା, ଗଣେଶ୍ୱର ବେହେରା, ଦେବାଶିଷ ପଟ୍ଟନାୟକ, ପଂଚାନନ କାନୁନଗୋ, ଲଲାଟେନ୍ଦୁ ମହାପାତ୍ର, ବିଭୁତି ମିଶ୍ର ଓ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାରେ ଛାତ୍ର କଂଗ୍ରେସର ପ୍ରଭାବି ଭୂମିକା ଓ ଆଗାମୀ କାର୍ଯ୍ୟକ୍ରମ ଉପରେ ଉଦ୍‌ବୋଧନ ଓ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିହାର ବେହେରା, ସୁନିଲ ମାଟିଆ, ମହମ୍ମଦ ଗୁଲଫାମ, କାର୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ବିଭୂତିଭୂଷଣ ମହାପାତ୍ର, ଭାଗ୍ୟଶ୍ରୀ ମହାନ୍ତି, ରଣଜିତ ସେନାପତି, ଲିପିକା ପାତ୍ର, ଉଦିତ୍ ପ୍ରଧାନ, ସୌରଭ ପଟ୍ଟନାୟକ, ମହମ୍ମଦ ସମିଉଲ, ରାଜଲକ୍ଷ୍ମୀ ସାହୁ, ଆଜାଦ ପତି, ଲୁଲୁ ପାଣିଗ୍ରାହୀ, ଅଙ୍କିତ ସାହୁ, ନିଖିଲ ପଟ୍ଟନାୟକ, ଦେବାଶିଷ ମହାନ୍ତି, ଅବିନାଶ ନନ୍ଦ, ଅନନ୍ତ ଦାସ, ପରଓ୍ୱେଜ ଅକତାର, ନବିଲ ଅହମ୍ମଦ, ନିତେଶ ରଜ ବେହେରା, ସୌମ୍ୟ ରଜ ବରାଳ, ଅଭିଳାଷ ଜେନା, ଆରିୟନ ସାସମଲ, ସୌମ୍ୟ ମିଶ୍ର, ସାହାବାଜ ଖାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ର ନେତ୍ରୀ ସ୍ନେହାପ୍ରଭା ଜେନା ପ୍ରଦେଶ ଛାତ୍ର କଂଗ୍ରେସରେ ଆନୁଷ୍ଠାନିକ ଭାବେ ଯୋଗାଦାନ କରିଛନ୍ତି।

## ଜୟପୁର ଉପଖଣ୍ଡ ଅମଲା ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ସମ୍ପ୍ରସାରଣ ନିମନ୍ତେ ନିର୍ବାଚନ ଓ ଚୟନ ନେଇ ସଭାପତିଙ୍କ ସୂଚନା

ଜୟପୁର,(ପି.ଏନ): ଜୟପୁର ଉପଖଣ୍ଡ ଅମଲା ସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟଙ୍କ ସମ୍ପ୍ରସାରଣ ନିମନ୍ତେ ନିର୍ବାଚନ ଓ ଚୟନ ନେଇ ସଭାପତିଙ୍କ ସୂଚନା।ଜୟପୁରରେ ଆଜି ଜୟପୁର କର୍ମଚାରୀ ଭବନ ଠାରେ ଜୟପୁର ଉପଖଣ୍ଡ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜୟପୁର ଉପଖଣ୍ଡ ଅମଲା ସଂଘ ସଭାପତି ଶ୍ରୀ ଶଶି ଭୂଷଣ ଦାଶ, ଅମଲା ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ସମ୍ପ୍ରସାରଣ ନେଇ ନିର୍ବାଚନ ଓ ଚୟନ ନିମନ୍ତେ ଆସନ୍ତା ୧୮.୦୯.୨୦୨୨ ରିଖ ଦିନ ଧାର୍ଯ୍ୟ ହେବା ନିମନ୍ତେ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଉକ୍ତ ବୈଠକରେ ଜୟପୁର ଉପଖଣ୍ଡ ଉପ ସଭାପତି ବିଜୟ କୁମାର ମହାପାତ୍ର, କୋରାପୁଟ ଜିଲ୍ଲା ଅମଲା ସଂଘ କୋଷାଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା, ଆଜିକାର ବୈଠକର ସଭାପତି ତଥା ବିଭାଗୀୟ ଅଧିକାରୀ ବାଣିଜ୍ୟ କର ବିଭାଗ ଜୟପୁର, ବିଭାଗୀୟ ଅଧିକାରୀ ବୈପାରିଗୁଡ଼ା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୁଦର୍ଶନ ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିପକ କୁମାର ଷଡଙ୍ଗୀ ତଥା ଅମଲା ସଂଘ ସଦସ୍ୟ ଶଶି ଭୂଷଣ ଦଳେଇ ସମସ୍ତେ ନିଜ ନିଜର ଅଭି ଭାଷଣ ରଖିଥିଲେ।

# ସାଧୁ ସମ୍ମିଳନୀରେ ପଂଚସଖାଙ୍କ ପ୍ରସାର ଓ ପ୍ରଚାରକୁ ଗୁରୁତ୍ୱ ଦେଲେ ଯୋଗଗୁରୁ ତାପସ ପତି



ପାରାଦୀପ,(ପି.ଏନ): ପଂଚସଖା ଧ୍ୟାନ କରିଥିବା ଜଗତସିଂହପୁର ଜିଲ୍ଲାର ଧାନକୁଦ ପୀଠର ପୀଠାଧିଶ ଆଚାର୍ଯ୍ୟ ପ୍ରେମ ସାଗର ବାବା ଅରକ୍ଷିତ ଦାସଙ୍କ ତତ୍ୱାବଧାନରେ ଅଜୁ ବାବାଙ୍କ ସହଯୋଗରେ ଚଳିତ ମାସ ରେ ଚୌପଡା ଗ୍ରାମରେ ଏକ ସନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା । ଶତାଧିକ ସାଧସନ୍ଥ ଯୋଗୀମୂନୀଙ୍କୁ ନେଇ ଆୟୋଜିତ ଏହି ସମାବେଶରେ ଓଡିଶାର ପ୍ରସିଦ୍ଧ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ, ବାବାଜୀ ସତ୍ୟାନନ୍ଦ ଦାସ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବାଜୀ ଅମୃତାନନ୍ଦ ସାସ, ବାବାଜୀ ଅଭୟ ଦାସ, ସ୍ୱାମୀ ଅଭିରାମ ସରସ୍ୱତୀ, ଶ୍ରୀସନ୍ଥ ଆଦି ଯୋଗ ଦେଇ ସମାରୋହର ଶୋଭାମଣ୍ଡନ କରିଥିଲେ । ପାରାଦୀପରୁ ଯୋଗ ଦେଇଥିବା ଶ୍ରୀଶ୍ରୀ ରବିଶଙ୍କର ଶିଷ୍ୟ ଯୋଗଗୁରୁ ଜ୍ୟୋର୍ତିବିଦ୍ ତାପସ ରଂଜନ ପତି ତାପସ ବାବାଙ୍କ ଭାବପୂର୍ଣ୍ଣ ବାଣୀ, ମନ୍ତ୍ର ଉଚ୍ଚାରଣ, କୀର୍ତନରେ ଉପସ୍ଥିତ ଭକ୍ତମଣ୍ଡଳୀ ଆନନ୍ଦରେ ବିଭୋର ହୋଇଯାଇଥିଲେ । ଆଖପାଖର ପ୍ରାୟତଃ ସବୁ ମଟର ମଠାଧୀସ ଏବଂ ପିଠର ପୀଠାଧିଶମାନେ ମଧ ଏହି ସାଧୁସନ୍ଥ ସମ୍ମିଳନୀରେ ଯୋଗ ଦେଇଥିଲେ । ପରିଶେଷରେ ଧାନକୁଦର ବାବା ଅରକ୍ଷୀତ ଦାସ ଓଡିଶାର ଗର୍ବ ପଂଚସଖାମାନଙ୍କର ପ୍ରଚାର ପ୍ରସାର ଯଥାଶିଘ୍ର ଦେଶ ବିଦେଶରେ ହେବ ବୋଲି ମତ ପୋଷଣ କରିଥିଲେ ।

# ପାରାଦୀପ ଆଶାକର୍ମୀ ଧର୍ଷଣ ମାମଲା: ଦୁଇ ଅଭିଯୁକ୍ତ କୋର୍ଟ ଚାଲଣ

ପାରାଦୀପ,(ପି.ଏନ): ପାରାଦୀପ ଷଣ୍ଢକୁଦ ଅଂଚଳର ଜନୈକା ଆଶାକର୍ମୀ ଧର୍ଷଣ ଅଭିଯୋଗରେ ପାରାଦୀପ ପୋଲିସ୍ ଦୁଇ ଜଣ ଅଭିଯୁକ୍ତଙ୍କୁ ସୋମବାର ଦିନ କୋର୍ଟ ଚାଲଣ କରାଯାଇଥିବା ପାରଦୀପ ଆଦର୍ଶ ଥାନା ଅଧିକାରୀଣୀ ଶୁଭଲକ୍ଷ୍ମୀ ପୂଜାରୀ ଗଣମାଧ୍ୟମକୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶଯେ, ପାରାଦୀପ ଷଣ୍ଢକୁଦ ଅଂଚଳର ଜନୈକା ଆଶାକର୍ମୀ କୌଣସି କାମରେ ନୂଆବଜାରକୁ ନିଜ ସାଇକେଲରେ ଆସିଥିଲେ । ଫେରିବା ସମୟରେ ଏକ କାର୍‌ରେ ଚାରିଜଣ ତାଙ୍କୁ ଯତିନ ମଲ୍ଲିକ, ବାଦଲ କୁମାର ମଲ୍ଲିକ, କିର୍ତୀ ଓ ନିହାର ନେହେରୁ ବଙ୍ଗଳା ନେଇଯାଇଥିଲେ । ସେଠାରେ ତାଙ୍କୁ ଯତିନ ମଲ୍ଲିକଧର୍ଷଣ କରାଯାଇଥିବା ନେଇ ଆଶାକର୍ମୀ ଜଣକ ପାରାଦୀପ ଆଦର୍ଶ ଥାନାରେ ନିଜ ବାପାଙ୍କ ସହିତ ଆସି ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ୍ ଜଣଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଥିଲେ । ଏହା ପରେ ପିଡିତାଙ୍କର ଡାକ୍ତରୀ ମାଇନା କରିବା ସହ କୁଜଙ୍କ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଇ ବୟାନ ରେକର୍ଡ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତ ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅଧିନସ୍ତ ସୁନାପାଳ ଗ୍ରାମର ଲକ୍ଷ୍ମୀଧର ମଲ୍ଲିକଙ୍କ ପୁଅ ଯତିନ ମଲ୍ଲିକ ପାରାଦୀପ ନୂଆବଜାର ଅଂଚଳରେ ରହୁଥିବା ବେଳେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ପିତାପଡା ଗ୍ରାମର ତଥା ଜିଜେଆଇ କଲୋନୀ ଅଂଚଳରେ ରହୁଥିବା ଅଜୟ କୁମାର ମଲ୍ଲିକଙ୍କ ପୁଅ ବାଦଲ କୁମାର ମଲ୍ଲିକଙ୍କୁ ପୋଲିସ୍ ୨୭୫/୨୨ରେ ମାମଲା ରୁଜୁ କରି କୋର୍ଟ ଚାଲଣ କରାଯାଇଛି । ଅଭିଯୁକ୍ତମାନେ ବ୍ୟବହାର କରିଥିବା ଓଡି-୦୨-ବିଭି-୧୯୩୫ କାର୍‌କୁ ପୋଲିସ୍ ଜବତ କରିଛି ।

# ଶିଶୁ ପାଇଁ ଦିନଟିଏ ସମ୍ପର୍କିତ ବୈଠକ ଅନୁଷ୍ଠିତ, ଶିଶୁ ମାନଙ୍କ ସୁରକ୍ଷା ଓ ବିକାଶ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



କେନ୍ଦୁଝର,(ପି.ଏନ):ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ମାର୍ଗ ଦର୍ଶକା ଅନୁଯାୟୀ ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ ଚଳିତ ଅଗଷ୍ଟ ମାସ ୨୯ ତାରିଖ ସୋମବାର ଦିନ ଶିଶୁ ପାଇଁ ଦିନଟିଏ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟର ମିନି କନଫରେନ୍ସ ହଲ୍ ଠାରେ ଆୟୋଜିତ ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଆଶିଷ ଠାକରେ ଶିଶୁ ମାନଙ୍କର ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଯେହେତୁ ଶିଶୁ ସୁରକ୍ଷା ପ୍ରସଙ୍ଗ ସ୍ୱର୍ଶକାତର ଅଟେ, ଏଣୁ ଏ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗ, ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଓ ଚାଇଲଡ ଲାଇନ୍ ପରାମର୍ଶଦାତା କମିଟିର ସଦସ୍ୟ ମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଏକାନ୍ତ ଆବଶ୍ୟକ ବୋଲି କରିଥିଲେ । ଶିଶୁ ଶ୍ରମିକ ପ୍ରଥା ନିରୋଦ, ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଗଠନ, ଶିଶୁ ସୁରକ୍ଷା ତଥା ଶିଶୁ ମାନଙ୍କର ଅଧିକାର ସୁରକ୍ଷା ଓ ବିକାଶ ପାଇଁ ପ୍ରବର୍ତ୍ତିତ ବିଭିନ୍ନ ଯୋଜନାର ସଠିକ୍ କାର୍ଯ୍ୟକାରିତା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ କମିଟି ସଦସ୍ୟ, ସଦସ୍ୟା ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ ଏବଂ ଏ ଦିଗରେ ସମାଜର ସବୁ ବର୍ଗର ଜନସାଧାରଣଙ୍କର ସହଯୋଗ କାମନା କରିଥିଲେ । ଏତଦ୍ ବ୍ୟତୀତ ଉପରୋକ୍ତ ବିଷୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ସମସ୍ତେ ଆଗେଇ ଆସିବାକୁ ଜିଲ୍ଲାପାଳ ନିବେଦନ କରିଥିଲେ । ଉଦ୍‌ବୋଧନ ଛଳରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ ଯେ ଶିଶୁ ମାନଙ୍କର ହିତ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଡିଏମ୍‌ଏଫ୍ ସହଯୋଗରେ ମମତା ଗୃହ, ଶ୍ରମଜୀବୀ ମହିଳା ମାନଙ୍କର ଶିଶୁ ମାନଙ୍କର ପୃଷ୍ଟି ଓ ଯତ୍ନ ପାଇଁ କ୍ରେଚ୍ ସ୍ଥାପନ, ବିଦ୍ୟାଳୟ ମାନଙ୍କରେ ମଧାହ୍ନ ଭୋଜନରେ ବରିବର୍ଦ୍ଧିତ ପୋଷାକ କାର୍ଯ୍ୟକ୍ରମ, ଅଙ୍ଗନୱାଡି ଶିଶୁ ମାନଙ୍କର ପୃଷ୍ଟି ସାଧବ ନିମନ୍ତେ ମାଣ୍ଡିଆ ଲଡୁ ଯୋଗାଣ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜିଲ୍ଲାରେ ଥିବା ଶିଶୁ ଯତ୍ନ ଗୃହ ମାନଙ୍କର ସୁପରିଚାଳନା, ଉଦ୍ଧାର କରାଯାଉଥିବା ଶିଶୁ ମାନଙ୍କର ଯଥାଯଥ ଥଇଥାନ ଓ ସେମାନଙ୍କର ଦକ୍ଷତା ବିକାଶ ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ । ଏତଦବ୍ୟତୀତ ଜିଲ୍ଲାରେ ଶିଶୁ ମାନଙ୍କର ସୁରକ୍ଷା ଏବଂ ତାଙ୍କ ଅଧିକାର ସୁରକ୍ଷା ସହିତ ସେମାନଙ୍କର ସାମଗ୍ରୀକ ବିକାଶ ପାଇଁ ଜିଲ୍ଲା ନିମନ୍ତେ ଏକ ଯୋଜନାବଦ୍ଧ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ଏଥି ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ ନିର୍ଦ୍ଦିଷ୍ଟ ସମୟରେସୀମା ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସଫଳତା ଉପରେ ଅଭିମତ ରଖିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ ଶିଶୁ ମାନଙ୍କର ସୁରକ୍ଷା ଓ ଶିଶୁ ଅଧିକାରର ସୁରକ୍ଷା ପାଇଁ ପୋଲିସ୍ ବିଭାଗ ତରଫରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଏତଦ୍‌ବ୍ୟତୀତ ପ୍ରତି ଥାନାରେ ମହିଳା ଓ ଶିଶୁ ଡେସ୍କର କାର୍ଯ୍ୟକାରିତା,ଚାଇଲ୍ଡ଼ ଫ୍ରେଣ୍ଡଲି ଥାନା ସ୍ଥାପନ, ବାଲ୍ୟ ବିହାର ଆଇନ୍‌ର କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ଅବଗତ କରାଯାଇଥିଲା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray